# ସିବିଏସ୍‌ଇ ପରୀକ୍ଷାଫଳ ପ୍ରକାଶିତ

## ବୈଦିକ ଇଣ୍ଟରନେସନାଲ ସ୍କୁଲ




**ସମ୍ବଲପୁର, ୧୫।୪ (ସମିସ):** ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳରେ ସମ୍ବଲପୁର ଶାସନସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଛାତ୍ର ଯଶବନ୍ତ ଚୌଧରୀ ୯୯ ଶତକଡା ମାର୍କ ପାଇ ଓ ଆହାନ ଅଗ୍ରୱାଲ ୯୮ ଶତକଡା ମାର୍କ ପାଇ ବିଦ୍ୟାଳୟର ଟପ୍ପର ଭାବେ ଉଭୟେ ଉତ୍କୃଷ୍ଟ ପରିଣାମ ଦେଖାଇଛନ୍ତି। ଚଳିତବର୍ଷ ଦଶମ ଶ୍ରେଣୀରେ ମୋଟ ୧୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ, ସେମାନଙ୍କ ମଧ୍ୟରୁ ୫୦ ଜଣରୁ ଅଧିକ ଛାତ୍ରଛାତ୍ରୀ ୯୦ ଶତକଡାରୁ ଅଧିକ ମାର୍କ ଅର୍ଜନ କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀ ଉଚ୍ଚକୋଟୀର ପରିଣାମ ପ୍ରଦର୍ଶନ କରିଥିବାରୁ ବିଦ୍ୟାଳୟରେ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ଏହି ଅଭୁତ ସଫଳତା ପାଇଁ ଶିକ୍ଷକମାନେ ଓ ସମଗ୍ର ବୈଦିକ ପରିବାର ଗର୍ବିତ ଅନୁଭବ କରିଛନ୍ତି। ବିଦ୍ୟାଳୟର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ବିକାଶ ଦ' କନସେପ୍ଟ ସ୍କୁଲ






**ସମ୍ବଲପୁର, ୧୫।୪ (ସମିସ):** ସିବିଏସ୍‌ଇ ଦଶମ ବୋର୍ଡ଼ ପରୀକ୍ଷାରେ ଶାସନସ୍ଥିତ ବିକାଶ ଦ' କନ୍‌ସେପ୍ଟ ସ୍କୁଲର ପାସ୍ ହାର ଶତପ୍ରତିଶତ ରହିଛି। ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତିଙ୍କ ସୂଚନା ଅନୁସାରେ ଶକ୍ତି ପ୍ରସାଦ ପଣ୍ଡା ୯୮.୪ ପ୍ରତିଶତ ମାର୍କ ରଖି ସ୍କୁଲର ଟପ୍ପର ହୋଇଛନ୍ତି। ଶକ୍ତି ପ୍ରସାଦ ପଣ୍ଡାଙ୍କ ସମେତ ଅନନ୍ୟା ପତି (୯୮.୨%), ଶୁଭ୍ରଜିତ ସାହୁ (୯୮.୨%), ଆରାଧ୍ୟା ଦିବ୍ୟାନୀ ଗୟ (୯୮%) ପ୍ରମୁଖ ୯୮ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୧୦ଜଣ ୯୭ ପ୍ରତିଶତରୁ ଉର୍ଦ୍ଧ୍ୱ, ୧୮ ଜଣ ୯୫%ରୁ ଉର୍ଦ୍ଧ୍ୱ ଓ ୫୩ ଜଣ ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଆରେ ଜଣେ, ସଂସ୍କୃତରେ ୮ ଜଣ, ଗଣିତରେ ୩ ଜଣ, ସାମାଜିକ ବିଜ୍ଞାନରେ ୪ ଜଣ, ଇନ୍‌ଫର୍ମେସନ୍ ଟେକ୍ନୋଲୋଜିରେ ଜଣେ ଏବଂ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସରେ ୯ ଜଣ ୧୦୦ରୁ ୧୦୦ ପ୍ରତିଶତ ମାର୍କ ରଖିଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଚେୟାରମେନ୍ ଜି. ଭାସ୍କର ରାଓ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇବା ସହ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉଚ୍ଚ ଗୁଣବତ୍ତା ଶିକ୍ଷା ପ୍ରଦାନ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ଉଚ୍ଚ ପ୍ରଶଂସା କରିଛନ୍ତି। ବିଦ୍ୟା ବିକାଶ ଗ୍ରୁପ୍‌ର ମେନେଜିଂ ଡାଇରେକ୍ଟର ଜି. ରାମକୃଷ୍ଣ ଛାତ୍ରଛାତ୍ରୀଙ୍କ ସଫଳତା ଯୋଗୁଁ ଛାତ୍ରଛାତ୍ରୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଦ୍ୟା ବିକାଶ ଗ୍ରୁପ୍‌ର ଚିଫ୍ ଏଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ସଞ୍ଜୀବ କୁମାର ବାବୁ, ଡିନ୍ ପିତାମ୍ବର ଦାଶ, ବିକାଶ ସମ୍ବଲପୁର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡଃ ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟ ଷ୍ଟେପ୍ ଅଧ୍ୟକ୍ଷା ଡି. ଶାନ୍ତା ଚୌଧୁରୀ, ବିକାଶ ହାୟର ସେକେଣ୍ଡାରୀ ସ୍କୁଲ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ ତଥା ବିକାଶ ଦ କନ୍‌ସେପ୍ଟ ସ୍କୁଲର ଉପାଧ୍ୟକ୍ଷ ଯଶୱନ୍ତ ସାହୁ ତଥା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ସଫଳତାରେ ଖୁସିବ୍ୟକ୍ତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଗୁରୁନାନକ ପବ୍ଲିକ ସ୍କୁଲ



**ସମ୍ବଲପୁର, ୧୫।୪ (ସମିସ):** ସିବିଏସ୍‌ଇ ଦଶମ ପରୀକ୍ଷା ୨୦୨୫-୨୬ର ପରୀକ୍ଷାଫଳ ଆଜି ପ୍ରକାଶିତ ହୋଇଛି। ଗୁରୁ ନାନକ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଶ୍ରେୟା ସୀମନ୍ତିକା ବେହେରା ୯୮% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ବିଦ୍ୟାଳୟରେ ଦଶମ ଶ୍ରେଣୀ ମେନ୍ ପରୀକ୍ଷା ୧୪୬ ଜଣ ଦେଇଥିବାବେଳେ ୧୪୫ ଜଣ ପାସ କରିଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୯୫% ଏବଂ ତା' ଉପରେ ମାର୍କ ୭ ଜଣ, ୯୦% ଓ ତା' ଉପରେ ମାର୍କ ୨୧ ଜଣ, ୮୦% ଓ ତା' ଉପରେ ମାର୍କ ୪୭ ଜଣ ରଖିଛନ୍ତି। ସାମାଜିକ ବିଜ୍ଞାନ ପରୀକ୍ଷାରେ ୭ ଜଣ ୧୦୦ ମାର୍କ ରଖି ଉତ୍ତମ ପ୍ରଦର୍ଶନ କରିଥିବାବେଳେ ଜଣେ ଗଣିତରେ ୧୦୦ ମାର୍କ ରଖିଥିବା ଜଣାପଡ଼ିଛି। ବିଦ୍ୟାଳୟ ଅଧ୍ୟକ୍ଷ ଡଃ ରବୀନ୍ଦ୍ରନାଥ ଦାଶ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଡିଏଭି ପବ୍ଲିକ ସ୍କୁଲ, ଏମ୍‌ସିଏଲ୍, ବୁର୍ଲା







**ସମ୍ବଲପୁର, ୧୫।୪ (ସମିସ):** ସିବିଏସ୍‌ଇ ଦଶମ ପରୀକ୍ଷା ୨୦୨୫-୨୬ରେ ଡିଏଭି ପବ୍ଲିକ ସ୍କୁଲ, ଏମ୍‌ସିଏଲ୍, ବୁର୍ଲାର ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ଡିଏଭି ସ୍କୁଲର ୧୩୭ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପାସ କରିଚନ୍ତି। ୯୫% ଉପରେ ୨୦ ଜଣ ଛାତ୍ରଛାତ୍ରୀ ମାର୍କ ରଖିଥିବାବେଳେ ୯୦% ଉପରେ ୪୩ ଜଣ ମାର୍କ ରଖିଛନ୍ତି। ପ୍ରଥମ ଡିଭିଜନରେ ୧୧୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଅନୋଖି ସାହୁ ଓ ଶ୍ରୀଜିତା ବେହେରା ୯୮.୮% ମାର୍କ ରଖି ବିଦ୍ୟାଳୟର ଯୁଗ୍ମ-ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ୯୮.୪% ମାର୍କ ସହ ସ୍ୱର୍ଣ୍ଣିକା ଭୋଇ ଓ ଉଜ୍ଜ୍ୱଳା ସାହୁ ଥିବାବେଳେ ତୃତୀୟ ସ୍ଥାନରେ ୯୮.୨% ମାର୍କ ସହ ଅଭିପ୍ସା ପ୍ରିୟଦର୍ଶିନୀ ସାହୁ ରହିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦ୍‌ବାକ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧

**ସମ୍ବଲପୁର, ୧୫।୪ (ସମିସ):** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ ସମ୍ବଲପୁର ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଅଭୂତପୂର୍ବ ସଫଳତା ହାସଲ କରିଛି। ବିଦ୍ୟାଳୟର ସମସ୍ତ ୧୯୪ ରୁ ୧୯୪ ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ





ହୋଇଥିଲାବେଳେ ୮୮ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ୬୦%ରୁ ଅଧିକ ନମ୍ବର ରଖିଛନ୍ତି। ବିଦ୍ୟାଳୟର ୪୭ ଜଣ ଛାତ୍ରଛାତ୍ରୀ ୯୦% ରୁ ଅଧିକ ମାର୍କ ରଖିଛନ୍ତି। ବିଦ୍ୟାଳୟର ରାଜବୀର ସିଂ ୪୯୯/୫୦୦ ନମ୍ବର ରଖି ୯୯.୮% ସହ ବିଦ୍ୟାଳୟ ଟପ୍ପର ହୋଇଥିଲାବେଳେ ଆର୍ଯ୍ୟନ ଦାଶ ୯୯.୪% ଓ ରୁଦ୍ରାଂଶ କୁମାର ୯୯.୨% ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ତେଜସ୍ୱୀ କୁଳଦୀପ (୯୯%), ଆଦ୍ୟା ଆଦର୍ଶ(୯୮.୨%), ସାତ୍ତ୍ୱିକ ଶେଖର(୯୮.୨%), ଅତୁଲ ଶର୍ମା(୯୮%), ଶ୍ରେୟା ସୁମନ(୯୬.୬%), ପ୍ରିୟସା ଭୋଇ(୯୬.୨%) ଓ ସମ୍ୟକ ପ୍ରଧାନ(୯୭%) ରଖି ଟପ୍ ଟେନରେ ଅଛନ୍ତି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟର ୬୯ ଜଣ ବିଦ୍ୟାର୍ଥୀ ସଂସ୍କୃତ ବିଷୟରେ, ୭ ଜଣ ଗଣିତ ବିଷୟରେ, ୬ ଜଣ ସାମାଜିକ ବିଜ୍ଞାନ ବିଷୟରେ, ୩ ଜଣ ଇଂରାଜୀ ବିଷୟରେ ଓ ୨ ଜଣ ବିଜ୍ଞାନ ବିଷୟରେ ୧୦୦ ରୁ ୧୦୦ ମାର୍କ ରଖି ସଫଳତା ହାସଲ କରିଛନ୍ତି। ସଂସ୍କୃତରେ ସମସ୍ତେ ଉଚ୍ଚମାନର ନମ୍ବର ରଖିଥିଲାବେଳେ ୬୯ ଜଣ ଛାତ୍ରଛାତ୍ରୀ ୧୦୦ ରୁ ୧୦୦ ନମ୍ବର ରଖିବା ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ରଣରଞ୍ଜୟ ସିଂ ମତପ୍ରକାଶ କରିବାସହ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କଲମ ଧରି ରାସ୍ତାକୁ ଓହ୍ଲାଇଲେ ଶତାଧିକ ଯୁବ-ଛାତ୍ର

**ସମ୍ବଲପୁର, ୧୫।୪ (ସମିସ)**




ପ୍ରୋଗ୍ରେସିଭ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଆଜି ସମ୍ବଲପୁର ସହରରେ ଏକ ବିଶାଳ 'କଲମ ଯାତ୍ରା' ଆୟୋଜିତ ହୋଇଥିଲା। ଚର୍ଚ୍ଚ ଛକରୁ ଆରମ୍ଭ ହୋଇଥିବା ଏହି କଲମ ଯାତ୍ରାରେ ସହରର ଶତାଧିକ ଛାତ୍ର, ଯୁବ, ବୁଦ୍ଧିଜୀବୀ ଓ ସମାଜସେବୀ ସାମିଲ ହୋଇ ବୁଢ଼ାରଜା ମନ୍ଦିର ମୁଖ୍ୟ ଗେଟ ପର୍ଯ୍ୟନ୍ତ ଯାଇଥିଲେ। ଏହି ଯାତ୍ରାରେ ଆବାହକ ସଞ୍ଜିତ ମହାନ୍ତି ବର୍ତ୍ତମାନ ସମାଜ ଓ ରାଜନୀତିର ବିକୃତ ଚିତ୍ରକୁ ସାମ୍ନାକୁ ଆଣି ଆଜିର ଯୁବପିଢ଼ିକୁ ଶିକ୍ଷା ଓ ରୋଜଗାର ଦେବା ପ୍ରତି ଗୁରୁତ୍ୱ ଦେବାର ବଦଳରେ ଭ୍ରମ ଓ ଭ୍ରାନ୍ତିରେ ଠେଲି ଦିଆଯିବା ସହ ଛାତ୍ର ହାତରେ କଲମ ଦେବା ସ୍ଥାନରେ, ଯୁବମାନଙ୍କୁ ରୋଜଗାର ଓ ନିଯୁକ୍ତି ବଦଳରେ ପରମ୍ପରା ନାମରେ ତାଙ୍କୁ ଅସ୍ତ୍ର ଶସ୍ତ୍ର ପ୍ରଦାନ କରିବାକୁ କଟୁ ସମାଲୋଚନା କରିଥିଲେ। ଆହୁରି ମଧ୍ୟ କହିଥିଲେ ଯେ, ସମ୍ବଲପୁର ସହରରେ ଆଜି ମଧ୍ୟ ହସ୍ପିଟାଲରେ ଡାକ୍ତରଙ୍କ ଅଭାବ, କଲେଜରେ ଅଧ୍ୟାପକଙ୍କ ଅଭାବ, ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ସହ ପାନୀୟ ଜଳ ଓ ବିଦ୍ୟୁତ ଭଳି ମୂଳଭୂତ ସମସ୍ୟା ରହିଛି। ତଥାପି ରାଜନୈତିକ ଦଳମାନେ ଏହି ମୂଳ ସମସ୍ୟା ଉପରେ ଧ୍ୟାନ ନ ଦେବାକୁ ନିନ୍ଦା କରାଯାଇଥିଲା। ଅନ୍ୟ ବକ୍ତାମାନେ ମଧ୍ୟ ଶିକ୍ଷା, ରୋଜଗାର ଓ ବିକାଶ ପାଇଁ ଆନ୍ଦୋଳନ ଜାରି ରଖିବାକୁ ସଂକଳ୍ପ ନେବାସହ ସମ୍ବଲପୁରର ଜନପ୍ରତିନିଧିମାନେ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରିବାସହ ଯୁବଛାତ୍ରମାନଙ୍କୁ ଭ୍ରମିତ କରିବା ଏବଂ ମହୋତ୍ସବରେ ବ୍ୟସ୍ତ ରହିବାକୁ ନିନ୍ଦା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମିକ ନେତା ଗୋକୁଳ ମେହେର, ସାମ୍ବାଦିକ ଶିବ ପ୍ରସାଦ ନନ୍ଦ, ଚାଷୀ ନେତା ସରୋଜ ମହାନ୍ତି, ଶ୍ରମିକ ନେତା ଏନ୍ ବାଳଗୋପାଳ, ପରଭେଜ ଅଲି ଖାନ, ମହେଶ୍ୱର ଷଣ୍ଢ, ଭି ରାମା ରାଓ, ମହମ୍ମଦ ଜାଫର ଖାନ, ମହମ୍ମଦ ଅଜିମ ଅଞ୍ଜୁ, ପ୍ରଶାନ୍ତ ଥାପା, ଲାୟକ ଅଲି, ମହେଶ ସତ୍ୟ, ପ୍ରକାଶ ଡାଙ୍ଗ, ଧୀରେନ୍ଦ୍ର ଦେବତା, ମୁକ୍ତକଣ୍ଠ ପ୍ରଧାନ, ଅନିଲ ଯାଦବ, ଗୁର୍ମିତ ସିଂ, ମହମ୍ମଦ ଜାଭେଦ, କୈଳାସ ପ୍ରଧାନ, ଜୟନ୍ତ ପଟ୍ଟନାୟକ, ମୋହିତ ଦାସ, ଅନିଲ ଗୁପ୍ତା, ଧୀରଜ ଯାଦବ, ଆର୍ଯ୍ୟନ ବେହେରା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ଆର୍ଯ୍ୟନ ବହିଦାର, ଅଂଶୁମାନ ସାହୁ, ଶିବୁ ସେଠ, ପ୍ରେମାନନ୍ଦ ମିଶ୍ର, ବୀରେନ୍ଦ୍ର ସାହୁ, ଫିରୋଜ ରାଜା, ସତ୍ୟମ ପୂଜାରୀ, ବୀର କିଶୋର ନାୟକ, ଭାସ୍କର ନାୟକ, ପ୍ରଭାତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଇଣ୍ଟରସିଟି ୧ ନମ୍ବର ପ୍ଲାଟଫର୍ମରୁ ଛାଡ଼ିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବି

**ସମ୍ବଲପୁର, ୧୫।୪ (ସମିସ) :** ସମ୍ବଲପୁର ରେଲଷ୍ଟେସନରୁ ସକାଳ ୬ଟା ସମୟରେ ବାହାରୁଥିବା ସମ୍ବଲପୁର-ପୁରୀ ଏବଂ ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଏକ୍ସପ୍ରେସ ଦୀର୍ଘଦିନ ହେଲା ୧ ନମ୍ବର ପ୍ଲାଟଫର୍ମ ପରିବର୍ତ୍ତେ ୫ ନମ୍ବର ପ୍ଲାଟଫର୍ମରୁ ବାହାରୁଛି। ଯାହାଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବରିଷ୍ଠ ନାଗରିକ, ମହିଳା ଓ ଶିଶୁମାନେ ଏଥିପାଇଁ ବହୁ କଷ୍ଟରେ ଟ୍ରେନ୍ ଚଢ଼ିପାରୁଛନ୍ତି। ଅନେକ ସମୟରେ ଓଭରବ୍ରିଜ ଅତିକ୍ରମ କରି ଗଲାବେଳକୁ ଛୋଟବଡ଼ ଦୁର୍ଘଟଣା ସହ ଟ୍ରେନ୍ ଛାଡ଼ି ଦେଉଥିବା ଦେଖାଯାଉଛି। ଏ ସମ୍ବନ୍ଧରେ କ୍ରମାଗତ ଭାବେ ରେଲୱେ ଡିଆର୍‌ଏମ୍‌ଙ୍କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେହିପରି ସିଟି ରେଲଷ୍ଟେସନରେ ସମ୍ବଲପୁରକୁ ଆସୁଥିବା ଏବଂ ଯାତାୟାତ କରୁଥିବା ସମ୍ବଲପୁର-ପୁରୀ ଏବଂ ଭୁବନେଶ୍ୱର-ପୁରୁଣା କଟକ ଟ୍ରେନ ଗୁଡ଼ିକର ସ୍ୱଳ୍ପ ସମୟ ରହଣୀ ପାଇଁ ମଧ୍ୟ ଦାବି ହୋଇଛି। ଏ ସମ୍ବନ୍ଧରେ ଫାଟକସ୍ଥିତ ମର୍ଣ୍ଣିଂକ୍ଲବର ବରିଷ୍ଠ ନାଗରିକମାନେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଏ ଦିଗରେ ଅତିଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ମଣ୍ଡଳରେ ଅମୂଲ୍ୟ ମିଶ୍ରଙ୍କ ନେତୃତ୍ୱରେ ଡଃ ବିଜୟ ପ୍ରଧାନ, ପ୍ରଦୀପ ପଣ୍ଡା, ଲୋକନାଥ ପାଣ୍ଡେ, ଡାକ୍ତର ମେହେର, କିରିଟ ପଟେଲ, ରାଜୁ ପଟେଲ, ସୌରଭ ରାୟ, ସୁବ୍ରତ ଦାସ, ଶିବଲାଲ ପାନୱାର ପ୍ରମୁଖ ସାମିଲ ଥିଲେ।

# ଶ୍ରୀଦୁର୍ଗା ଚାଳିଶା ଅଖଣ୍ଡ ପାଠ



**ସମ୍ବଲପୁର, ୧୫।୪ (ସମିସ) :** ସମ୍ବଲପୁରର ମୁଦିପଡ଼ାଠାରେ ଭଗବତୀ ମାନବ କଲ୍ୟାଣ ସଂଗଠନ ପକ୍ଷରୁ ୨୪ଘଣ୍ଟା ଧରି ଶ୍ରୀ ଦୁର୍ଗା ଚାଳିଶା ଅଖଣ୍ଡ ପାଠ କରାଯାଇଛି। ଗୁରୁଜୀ ଚେତନା ପୁରୁଷ ସଦ୍‌ଗୁରୁଦେବ ପରମହଂସ ଯୋଗୀରାଜ ଶ୍ରୀ ଶକ୍ତି ପୁତ୍ର ଜି ମହାରାଜ ମାର୍ଗଦର୍ଶନ କରିଥିଲେ। ଏଥିରେ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଗୁରୁଜୀ ଶକ୍ତି ପୁତ୍ର ମହାରାଜ ସମାଜକୁ ନିଶାମୁକ୍ତ, ମାଂସାହାରମୁକ୍ତ, ଚରିତ୍ରବାନ ଓ ଚେତନାବାନ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି ଅଖଣ୍ଡ ପାଠ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ ଆୟୋଜିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ମଧ୍ୟପ୍ରଦେଶ ସାହଡୋଲ ଜିଲ୍ଲା ମାଉରେ ଗତ ୩୦ ବର୍ଷ ଧରି ଏହି ଶ୍ରୀ ଦୁର୍ଗା ଚାଳିଶା ଅଖଣ୍ଡ ପାଠ ଚାଲିଛି।

# ନାଟ୍ୟ ମହୋତ୍ସବରେ 'ଭାଜ୍ୟ ଭାଜକ ଭାଗଫଳ'କୁ ୮ ପୁରସ୍କାର



**ସମ୍ବଲପୁର, ୧୫।୪ (ସମିସ) :** ରାଜ୍ୟସ୍ତରୀୟ ବିଂଶ ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବ ଦାମନଯୋଡ଼ି (ନାଲକୋ) ଠାରେ ଚଳିତ ମାସ ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା, ଯେଉଁଥିରେ ରାଜ୍ୟର ମୋଟ ୧୮ଟି ପ୍ରତିଷ୍ଠିତ ନାଟ୍ୟଦଳକୁ ନାଟକ ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା। ଏହି ପ୍ରତିଯୋଗିତା ସମ୍ବଲପୁରର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ' ଦ୍ୱାରା ନାଟ୍ୟକାର ବିରୂପାକ୍ଷ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଭାଜ୍ୟ ଭାଜକ ଭାଗଫଳ' ପ୍ରଦର୍ଶିତ ହୋଇ ବିପୁଳ ଦର୍ଶକୀୟ ଆଦୃତି ଲାଭ କରିପାରିଛି। ନାଟ୍ୟ ପ୍ରତିଯୋଗିତାରେ ସର୍ବମୋଟ ୮ଟି ପୁରସ୍କାର ପାଇ ଶ୍ରେଷ୍ଠ ବିବେଚିତ ହୋଇପାରିଛି ନାଟକ 'ଭାଜ୍ୟ ଭାଜକ ଭାଗଫଳ'। ଏହି ପ୍ରତିଯୋଗିତାରେ ତୃତୀୟ ସର୍ବଶ୍ରେଷ୍ଠ ନାଟକ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିବାବେଳେ ଶ୍ରେଷ୍ଠ ଶିଶୁ କଳାକାର ଭାବେ ବେଦିକା ଭୋଇ ପୁରସ୍କୃତ ହୋଇଛନ୍ତି। ସେହିପରି ଦ୍ୱିତୀୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଅନନ୍ୟା ପ୍ରଧାନ, ଦ୍ୱିତୀୟ ଶ୍ରେଷ୍ଠ ହାସ୍ୟ ଅଭିନେତା ଧନଞ୍ଜୟ ସାହୁ, ତୃତୀୟ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ବିଶ୍ୱନାଥ ଶତପଥୀ ଏବଂ ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ, ଦ୍ୱିତୀୟ ଶ୍ରେଷ୍ଠ ନାଟ୍ୟକାର ଓ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଭାବେ ବିରୂପାକ୍ଷ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଛି। ଏହି ନାଟକ 'ଭାଗ୍ୟ ଭାଜକ ଭାଗଫଳ' ପୂର୍ବରୁ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂଶିତ ଓ ପୁରସ୍କୃତ ହୋଇପାରିଛି।

# ଚତୁର୍ଥ ଦିନ ପାଇଁ ୪୦ ଡିଗ୍ରୀରେ ପାରଦ

**ସମ୍ବଲପୁର, ୧୫।୪ (ସମିସ) :** ସମ୍ବଲପୁରରେ ତାପମାତ୍ରା ଗତ କେଇଦିନ ହେବ ୪୦ ଡିଗ୍ରୀ ଉପରେ ରହୁଛି। ସକାଳ ୮ଟା ପରେ ଖରା ତାତି ଅସହ୍ୟ ହେଉଥିବାବେଳେ ସନ୍ଧ୍ୟା ନଇଁବା ପରେ ତାପମାତ୍ରା ଧିରେ ଧିରେ ଖସୁଛି। ତାହା ମଧ୍ୟ ୨୫ ଡିଗ୍ରୀ ତଳକୁ ଯାଉନାହିଁ। ଏଭଳି ସ୍ଥିତିରେ ପଙ୍ଖା, କୁଲର୍ କିଛି କାମ କରୁନାହିଁ। ସମ୍ବଲପୁରର ବହୁ ଅଞ୍ଚଳରେ ବିଦ୍ୟୁତ୍ କାଟ୍ ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଗତ ମାର୍ଚ୍ଚ ଶେଷ ଆଡ଼କୁ ଏବଂ ଏପ୍ରିଲ ପ୍ରଥମ ସପ୍ତାହରେ କାଳବୈଶାଖୀ ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲା। ତେବେ, ପାରଦ ପୁଣି ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ଅଧିକ ହେବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ। ଚଳିତବର୍ଷ ମାର୍ଚ୍ଚ ଆରମ୍ଭରୁ ତାପମାତ୍ରା ବଢ଼ିବା ଆରମ୍ଭ କରି ମାର୍ଚ୍ଚ ୧୩ ତାରିଖ ୪୦ ଡିଗ୍ରୀ ଛୁଇଁଥିଲା। ଏହାପରେ କାଳବୈଶାଖୀଜନିତ ଝଡ଼ ଓ ବର୍ଷା ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲା। ପୁଣି ଗତ ଚାରିଦିନ ହେବ ପାରଦ ୪୦ ଡିଗ୍ରୀ ଉପରେ ରହିଛି। ଗତ ୧୨ ତାରିଖରେ ସର୍ବୋଚ୍ଚ ତାପମାତ୍ରା ୪୦.୧ ଡିଗ୍ରୀ ଥିବାବେଳେ ୧୩ ତାରିଖ ୪୦.୪ ଡିଗ୍ରୀ, ୧୪ ତାରିଖ ୪୧.୫ ଡିଗ୍ରୀ ଏବଂ ଆଜି ୪୧ ଡିଗ୍ରୀ ରହିଛି। ସେହିପରି ସର୍ବନିମ୍ନ ତାପମାତ୍ରା ୧୨ ତାରିଖରେ ୨୧.୨ ଡିଗ୍ରୀ, ୧୩ରେ ୨୪.୩ ଡିଗ୍ରୀ, ୧୪ରେ ୨୫ ଡିଗ୍ରୀ ଏବଂ ଆଜି ମଧ୍ୟ ୨୫ ଡିଗ୍ରୀ ରହିଛି।

# ବ୍ରାହ୍ମଣ ସମାଜର ପଣା ବଣ୍ଟନ

**ସମ୍ବଲପୁର, ୧୫।୪(ସମିସ):** ହନୁମାନଙ୍କ ଜୟନ୍ତୀ ଉପଲକ୍ଷେ ବ୍ରାହ୍ମଣ ସମାଜ ବୁର୍ଲା ଆନୁକୂଲ୍ୟରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗ ଦେଇଥିଲେ। ପ୍ରାୟ ତିନି ହଜାର ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧିକାଂଶ କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ।




# ଧନୁପାଲି ଭବାନୀ ଫିଲ୍ଡ ଅଞ୍ଚଳରେ ହନୁମାନ ଜୟନ୍ତୀ



**ସମ୍ବଲପୁର, ୧୫।୪(ସମିସ):** ଧନୁପାଲିର ଭବାନୀଫିଲ୍ଡ ଅଞ୍ଚଳରେ ହନୁମାନ ଜୟନ୍ତୀ ଭକ୍ତିମୟ ପରିବେଶରେ ପାଳିତ ହୋଇଛି। ଏହି ଅବସରରେ ରଙ୍ଗୋଲି ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ମନ୍ତ୍ରୀଙ୍କ ସହ ପଞ୍ଚାୟତିରାଜ ମନ୍ତ୍ରୀ ରବିନାଏକ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ବିଜେପି ଜିଲ୍ଲା ଅଧ୍ୟକ୍ଷ ରାମଚନ୍ଦ୍ର ମେହେର, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କିଶୋର ପତି, ସମାଜସେବୀ ସନ୍ଦିପ ପଟ୍ଟନାୟକ ଉପସ୍ଥିତ ଥିଲେ। ସୁବଳ ସାହୁ, ଗୌରୀଶଙ୍କର ମହାପାତ୍ର, ଶରତ ଚନ୍ଦ୍ର ପାଢ଼ୀ, ପ୍ରଦୀପ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀ କପ୍ ୧୪ ବର୍ଷରୁ କମ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ସମ୍ବଲପୁର, ୧୫।୪ (ସମିସ) :** ଜିଲ୍ଲା କ୍ରୀଡ଼ା ସଂଘ, ସମ୍ବଲପୁର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମ୍‌ରେ ଚାଲିଥିବା ମୁଖ୍ୟମନ୍ତ୍ରୀ କପ୍ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଫୁଟ୍‌ବଲ ପ୍ରତିଯୋଗିତାରେ ଆଜି ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଖେଳ ବାଳିକା ବିଭାଗରେ ସେଣ୍ଟ ଜୋନ୍‌ସ ପବ୍ଲିକ୍ ସ୍କୁଲ ଓ ଏଞ୍ଜେଲ ଫୁଟବଲ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇ ଏଞ୍ଜେଲ ଫୁଟବଲ ଏକାଡେମୀ ୧୦-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳ ବାଳକ ବିଭାଗରେ ସେଣ୍ଟ ଜୋନ୍ ପବ୍ଲିକ ସ୍କୁଲ ୩-୦ ଗୋଲରେ ସହଯୋଗ କ୍ଲବକୁ ପରାସ୍ତ କରିଛି। ଆଜି ସମ୍ମାନିତ ଅତିଥି ଭାବରେ ଦାମୋଦର କର, ସୁଧୀର ବହିଦାର, ଶେର ଅଲ୍ଲୀ ଖାନ, ରତିକାନ୍ତ ମହାନ୍ତି ଯୋଗ ଦେଇଥିଲେ। ଖେଳକୁ ରେଫରୀ ଜୟନ୍ତ ପିଙ୍ଗ, ପରେଶ ପ୍ରଧାନ, ଭାରତୀ ଓରାମ, ଅନିତା ଓରାମ ଓ ସରୋଜ ବାଗ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘର ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଓ ଅନ୍ୟ ସଦସ୍ୟମାନେ ସମଗ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ଶ୍ରଦ୍ଧାଞ୍ଜଳି

ଦଶମ ଶ୍ରାଦ୍ଧବାର୍ଷିକୀ



✓ ଶରତ କୁମାର ମହାନ୍ତି

ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ

ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬

ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ସାପଲତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜମନକିରା, ୧୫।୪(ସମିସ):** ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାପଲତର ବାର୍ଷିକ ଉତ୍ସବ ସମୃଦ୍ଧି ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରମାଣପୁରର ବରିଷ୍ଠ ଶିକ୍ଷକ ଦିଲିପ କୁମାର ଭୋଇ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଆକାଂକ୍ଷା ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଆୟକର ବିଭାଗ ଭୁବନେଶ୍ୱରର ବରିଷ୍ଠ ଆୟକର ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ମୁଣ୍ଡେନପାଲିର ସରୋଜ କୁମାର ନାଥ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗିରିଜାପ୍ରସାଦ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକୁମାର ଭୋଇ, ସମାଜସେବୀ ଦୁର୍ଯ୍ୟୋଧନ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ରାଜକିଶୋର କୁମୁରା କାର୍ଯ୍ୟକ୍ରମ ପରାଚାଳନା କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅବକାରୀ ଚଢ଼ଉ; ୮ ଗିରଫ

## ଦେଶୀ ମଦ ସହ ୫ କିଲୋ ଗଞ୍ଜେଇ ଜବତ

**ଝାରସୁଗୁଡା, ୧୫।୪ (ସମିସ):** ଝାରସୁଗୁଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ୧୩ ଓ ୧୪ ତାରିଖ ଦୁଇଦିନ ଚଢ଼ଉ କରାଯାଇ ୮ ଗୋଟି ମାମଲା ରୁଜୁ କରିବା ସହ ୮ ଜଣଙ୍କୁ ଗିରଫ କରିଛି। ଏହି ଅବକାରୀ ଚଢ଼ଉରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଝାରସୁଗୁଡା, ବେଲପାହାଡ, କୋଲାବିରା ଓ ଝାରସୁଗୁଡା ଅବକାରୀ ଥାନା ତରଫରୁ ସୋଡାମାଲ, ଶୂଳଦିଆପଡ଼ା, ବାଲିଯୋରୀ, ରାଜପୁର, ପତ୍ରାପାଳି, ତିଲିଆ ପ୍ରଭୃତି ଗ୍ରାମାଞ୍ଚଳରେ ଚଢ଼ଉ କରାଯାଇ ସମୁଦାୟ ୪୦ ଲିଟର ଦେଶୀ ମଦ ସହିତ ଗୋଟିଏ ଦୁଇ ଚକିଆ ମୋଟର ଯାନ, ୨୩.୬ ଲିଟର ବାହାର ଭାଟି ମଦ, ୯୦ ଲିଟର ତାଡି ଓ ୪୪୦ ଲିଟର ହାଣ୍ଡିଆ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ସୋଡାମାଲ ଗ୍ରାମର ସୁନୀଲ ବଲୁଆ, ଶୂଳଦିଆପଡ଼ା ଅଞ୍ଚଳର ସବିତା ବାଗ, ବାଲିଯୋରୀ ଅଞ୍ଚଳର ଦ୍ରୁପତି ଲାକଡା, ରାଜପୁର ଗ୍ରାମର ସୁରଜ ସାହୁ, ପତ୍ରାପାଳି ଗ୍ରାମର ଦୁଇ ଜଣ ବ୍ୟକ୍ତି ଗୁଣମଣିଆ ଡିଲା ଓ ଟେକଚାନ୍ଦ ଷଣ୍ଢ, ତିଲିଆ ଅଞ୍ଚଳର ରଞ୍ଜନ ବେହେରା ପ୍ରମୁଖ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହା ବ୍ୟତୀତ ଝାରସୁଗୁଡା ରେଞ୍ଜ ତରଫରୁ ଇବ ରେଲଓ୍ୱେଷ୍ଟେସନ ଅଞ୍ଚଳରେ ଚଢ଼ଉ କରାଯାଇ ୫.୯୫୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ରାଜସ୍ଥାନ ରାଜ୍ୟର ଭର୍ମା ରାମ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ମିଳିଛି।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳିକୁ ବିରୋଧ

# ବିଡିଓଙ୍କୁ ସରପଞ୍ଚ, ୱାର୍ଡ ସଭ୍ୟଙ୍କ ଦାବିପତ୍ର

**ଝାରସୁଗୁଡା, ୧୫।୪(ସମିସ)**



ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ମାଝୀଙ୍କ ବଦଳିକୁ ନେଇ କୋଲାବିରା ବ୍ଲକର ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବେଆଇନ ବଦଳି ଆଦେଶକୁ ରଦ୍ଦ କରିବା ଦାବିରେ ବୁଧବାର କୋଲାବିରା ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟା କୋଲାବିରା ବିଡିଓ ଅଶୋକ କୁମାର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ମାଝୀ ମାତ୍ର ୧୦ ମାସ ହେବ କୋଲାବିରା ଗ୍ରାମପଞ୍ଚାୟତରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ହଠାତ ବଦଳି କରାଯାଇଛି। ସାଧାରଣତଃ ଏହି କାର୍ଯ୍ୟକାଳ ଅତି କମରେ ୩ ବର୍ଷ ହେବା କଥା, କିନ୍ତୁ କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଇ ଏହି ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସୁଚାରୁରୂପେ ପରିଚାଳିତ ହେଉଥିଲା। ଏହି ବଦଳି ଦ୍ୱାରା ପଞ୍ଚାୟତର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ବୋଲି ପ୍ରତିନିଧିମାନେ ମତ ପ୍ରକାଶ କରିଛନ୍ତି। ଯଦି ଏହି ବଦଳି ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରା ନଯାଏ, ତେବେ ଆଗାମୀ ଦିନରେ କୋଲାବିରା ସରପଞ୍ଚ, ନାଏବ ସରପଞ୍ଚ ଏବଂ ସମସ୍ତ ୱାର୍ଡ ସଭ୍ୟ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଆଇନର ସହାୟତା ନେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିସହିତ ପଞ୍ଚାୟତ କାର୍ଯ୍ୟରେ କୌଣସି ପ୍ରକାର ସହଯୋଗ କରାଯିବ ନାହିଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ଏହି ଦାବିପତ୍ର ଦେବା ସମୟରେ କୋଲାବିରା ଭାରପ୍ରାପ୍ତ ସରପଞ୍ଚ ଅଞ୍ଜଳି ବାଗ, ସମିତି ସଭ୍ୟ ଦୀନବନ୍ଧୁ ଧୂରୁଆଙ୍କ ସମେତ ରୁଦ୍ରପ୍ରତାପ ସିଂହ, ସ୍ମୃତିରଞ୍ଜନ ରାଏ, ସହଦେବ ବାଗ, ସତ୍ୟବତୀ ଖଡ଼ିଆ, ସରୋଜ ମାଝୀ, ରମେଶ ସେଠ ଏବଂ ଅନ୍ୟାନ୍ୟ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ।

# ଗୃହରକ୍ଷୀ ଦୀକ୍ଷାନ୍ତ ସମାରୋହ



**ଦେବଗଡ଼, ୧୫।୪(ସମିସ):** ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆଠାରେ ଆଜି ଗୃହରକ୍ଷୀ ଦୀକ୍ଷାନ୍ତ ପରେଡ ତଥା ନୂଆ ହୋମଗାର୍ଡଙ୍କ ପାସିଂ ଆଉଟ ପରେଡ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣରେ ସଫଳ ହୋଇଥିବା ଗୃହରକ୍ଷୀମାନେ ସମ୍ମିଳିତ ପରେଡ ମାଧ୍ୟମରେ ଦିବସର ମୁଖ୍ୟଅତିଥି ତଥା ଆରକ୍ଷୀ ଅଧିକ୍ଷକଙ୍କୁ ଅଭିବାଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଭାଦନ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମାପ୍ତ ପରେ ନବନିଯୁକ୍ତ ଗୃହରକ୍ଷୀମାନେ କିଭଳି ନିଜର କାର୍ଯ୍ୟ ସମ୍ପାଦନ କରିବେ ସେନେଇ ଆରକ୍ଷୀ ଅଧିକ୍ଷକ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ କୁମାର ଚୋପଦାର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେଶ କୁମାର ମାହାନା ପ୍ରମୁଖ ସାମିଲ ହୋଇଥିଲେ। ଦେବଗଡ଼ ଜିଲ୍ଲାରେ ୬୦ ଜଣ ଗୃହରକ୍ଷୀ ମନୋନୀତ ହୋଇଥିବା ବେଳେ ୪୫ ଦିନ ଧରି ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ତାଲିମ ପ୍ରଦାନ କରାଯାଇଥିଲା। ୫୩ ଜଣ ପୁରୁଷ ଏବଂ ୭ ଜଣ ମହିଳା ଗୃହରକ୍ଷୀ ତାଲିମ ନେଇଥିଲେ। ଶାରୀରିକ ଦକ୍ଷତା, ଆଇନ ଶୃଙ୍ଖଳା ରକ୍ଷା, ଆପାଉକାଳୀନ ସେବା ଓ ସମାଜସେବା ବିଷୟରେ ଗୃହରକ୍ଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୦ ଜଣ ଗୃହରକ୍ଷୀଙ୍କୁ ପୁରସ୍କୃତ କରାଯାଇଥିଲା। ନବ ନିଯୁକ୍ତ ଗୃହରକ୍ଷୀମାନେ ତାଙ୍କ ମା, ବାପା ତଥା ଅଭିଭାବକମାନଙ୍କୁ ନିଜର କ୍ୟାପ ପିନ୍ଧାଇ ସାଲ୍ୟୁଟ କରିଥିଲେ। ରିଜର୍ଭ ପୁଲିସ ଇନ୍ସପେକ୍ଟର ହମ୍ବିରା ସୋରେନଙ୍କ ସହିତ ରିଜର୍ଭ ପୁଲିସର ଆରକ୍ଷୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ସାମାଜିକ ସମୀକ୍ଷା ଏବଂ ଜନଶୁଣାଣି

**କୁଚିଣ୍ଡା, ୧୫।୪(ସମିସ):** କୁଚିଣ୍ଡା ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଏବଂ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ବ୍ଲକର ୧୭ପଞ୍ଚାୟତର ଗତ୧.୪.୨୦୨୫ରୁ ୩୧.୯.୨୦୨୫ ପର୍ଯ୍ୟନ୍ତ ମନରେଗା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର (ଗ୍ରାମୀଣ)ରେ ଚାଲୁଥିବା କାମ ବାବଦରେ ସମୀକ୍ଷା




କରାଯାଇଥିଲା। ଏଥିରେ ଅନେକ ଗୁଡ଼ିଏ ଅନିୟମିତତା ହେଉଥିବା ସମୀକ୍ଷା ସମୟରେ ଜଣାପଡ଼ିଥିଲା। କୁଚିଣ୍ଡା ବିଡିଓ ଜୟନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନୋଡାଲ ଅଧିକାରୀ ଭାବେ ସମ୍ବଲପୁର ଜିଲ୍ଲା ପରିଷଦର ଅତିରିକ୍ତ ସିଇଓ ଉତ୍ତମ ବାଗ ଯୋଗ ଦେଇଥିବା ବେଳେ ତାଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଜିଲ୍ଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ବ୍ଲକ ସମୀକ୍ଷକ ଡିକି ଦିଲୋମା ହୋତା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପରିମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମନରେଗା ଯୋଜନା ସମୀକ୍ଷା ସମୟରେ ପ୍ରାୟ ସମସ୍ତ ପଞ୍ଚାୟତର କର୍ଯ୍ୟସ୍ଥଳିରେ ସୂଚନା ଫଳକ ଲାଗି ନ ଥିବା, କମ କାମ ହୋଇଥିଲେ ମଧ ଅଧିକ ମଜୁରୀ ପ୍ରଦାନ କରା ଯାଇଥିବ, ନକଲି ଦସ୍ତଖତରେ ମଜୁରୀ ପ୍ରଦାନ କରା ଯାଇଥିବା ପରି ଗୁରୁତର ଅନିୟମିତତା ଧରା ପଡ଼ିଥିଲା। ସମ୍ପୃକ୍ତ ପଞ୍ଚାୟତର ପିଇଓ, ଗ୍ରାମ ରୋଜଗାର ସେବକ ଏବଂ କନିଷ୍ଠ ଯନ୍ତ୍ରୀମାନଙ୍କୁ ଜରିମାନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକାଂଶ ପଞ୍ଚାୟତରେ ହିତାଧିକାରୀମାନେ ଘରେ ଝରକା, କବାଟ ନ ଲଗାଇଥିଲେ ମଧ ସେମାନଙ୍କୁ ସମ୍ପୂର୍ଣ ଟଙ୍କା ପ୍ରଦାନ କରାଯାଇଥିବା ସମୀକ୍ଷା ବେଳେ ଜଣା ପଡ଼ିବାରୁ ଜିଲ୍ଲା ସାମାଜିକ ସମୀକ୍ଷକ ଶ୍ରୀ ହୋତା ଅସନ୍ତୋଷ ପ୍ରକାଶ କରିଥିଲେ। ଅତିରିକ୍ତ ସିଇଓ ଶ୍ରୀ ବାଗ ଉନ୍ନୟନ କାମ ଗୁଡିକରେ ଖୁବ୍ କମ୍ ଅନିୟମିତତା ଅଭିଯୋଗ ଦୃଷ୍ଟିଗୋଚର ହୋଇଥିବାରୁ ସନ୍ତୋଷ ପ୍ରକାଶ କରି ଉନ୍ନୟନ କାମ ଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ସାରିବାକୁ ପରାମର୍ଶ ଦେଇଥିଲେ। ଏହି ବର୍ଷର ତ୍ରୁଟି ଗୁଡିକ ଯେପରି ଆସନ୍ତା ବର୍ଷ ନ ହେବ ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ଏପିଓ କୁଳବନ୍ତ ବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଞ୍ଚ କଳାକାର ପ୍ରକାଶ ଦେବତାଙ୍କ ପରଲୋକ

**ଦେବଗଡ଼, ୧୫।୪(ସମିସ):** ଦେବଗଡ଼ ଜିଲ୍ଲାର ଆଗଧାଡିର ମଞ୍ଚ କଳାକାର ତଥା ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ'ର ଉପସଭାପତି ଏବଂ ସାଂସ୍କୃତିକ ଅନୁଷ୍ଠାନ 'କଳିକା'ର ସକ୍ରୀୟ ସଦସ୍ୟ ପ୍ରକାଶ ଚନ୍ଦ୍ର ଦେବତା(ପେରୁ)ଙ୍କର ଆଜି ବୁର୍ଲା ଡାକ୍ତରଖାନାରେ ୫୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଜାମିନୀ ଦେବତା ଓ ଏକମାତ୍ର ପୁତ୍ର ସମ୍ବିତ ଦେବତା



ଉପସ୍ଥିତ ଥିଲେ। ସ୍ୱର୍ଗତଃ ଦେବତା ଜଣେ ଉଚ୍ଚ କୋଟୀର ମଞ୍ଚ କଳାକାର ଭାବେ ଦେବଗଡ଼ ଜିଲ୍ଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରରେ ମଧ୍ୟ ଖ୍ୟାତି ଅର୍ଜନ କରିଥିଲେ। ଆଜି ପୂର୍ବାହ୍ନରେ ତାଙ୍କର ମରଶରୀର ଦେବଗଡ଼ ଗୁରୁସାହି ସ୍ଥିତ ତାଙ୍କ ବାସଭବନରେ ପହଞ୍ଚିବା ପରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସରୋଜ କୁମାର ପାଢ଼ୀ, ଜିଲ୍ଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲିପ କୁମାର ଗୁରୁ, ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡେଶ୍ୱର ଶତପଥି, ବିଜେଡି ନେତା ଉମାଶଙ୍କର ସାହୁ, ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ, ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ସଚ୍ଚିକାନ୍ତ ଦାଶ, ସମ୍ବଲପୁର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, 'ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ'ର ସଭାପତି ଅଶୋକ କୁମାର ନନ୍ଦ, ସମ୍ପାଦକ ସୁଜିତ କୁମାର ପାତ୍ର, ବାମଣ୍ଡା କଳାକାର ସଂଘର କର୍ମକର୍ତ୍ତା ଓ ସଦସ୍ୟ, ବିଶିଷ୍ଟ ବ୍ୟକ୍ତି ଓ ନାଟ୍ୟ ପ୍ରେମୀ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରଧାନପାଟ ସ୍ଥିତ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ସମ୍ବିତ କୁମାର ଦେବତା ମୁଖାଗ୍ନି ଦେଇଥିଲେ।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ଡିଏଭି ପବ୍ଲିକ୍ ସ୍କୁଲର ସଫଳତା

**ବନ୍ଧବାହାଲ/ଝାରସୁଗୁଡ଼ା, ୧୫।୪(ସମିସ):** ୨୦୨୫-୨୬ ଶିକ୍ଷାବର୍ଷର ସିବିଏସ୍‌ଇ ପରିଚାଳିତ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଏଥିରେ ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲର ସଫଳତା ଶତ ପ୍ରତିଶତ ହୋଇଛି। ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ମୋଟ ୯୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ, ୨୪ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୪୯ ଜଣ ଛାତ୍ରଛାତ୍ରୀ ୬୦





ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟର ସୁନାମ ବୃଦ୍ଧି କରିଛନ୍ତି। ଯଜ୍ଞଦତ୍ତ ପ୍ରଧାନ ୯୬ ପ୍ରତିଶତ ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ସୁଶ୍ରୀ ଭୈରବୀ ପ୍ରଧାନ ୯୫.୪ ପ୍ରତିଶତ ନମ୍ବର ସହିତ ଦ୍ୱିତୀୟ ଏବଂ ୯୪.୮ ପ୍ରତିଶତ ନମ୍ବର ରଖି ଦେବରାଜ ଗୁପ୍ତା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଚାନ୍ଦା ପାଇଁ ବିଜେପି ନେତାଙ୍କ ଧମକ

## ଦଳୀୟ କାର୍ଯ୍ୟକ୍ରମ ପାଇଁ ଟଙ୍କା ଆଦାୟ

**ସମ୍ବଲପୁର, ୧୫।୪(ସମିସ):** କାହାକୁ ମାନୁନାହାନ୍ତି ବିଜେପି ନେତା। ଖୋଲାଖୋଲି ଭାବେ ଚାନ୍ଦା ମାଗୁଛନ୍ତି। ମନମୁତାବକ ଚାନ୍ଦା ନ ମିଳିବାରୁ ବାବୁ ଜଣଙ୍କ ରାଗି ଯାଇ ଆଗକୁ ସମ୍ଭାଳିବ ବୋଲି ଧମକ ମଧ୍ୟ ଦେଉଛନ୍ତି। ସମ୍ବଲପୁର ଜିଲ୍ଲାରେ ଏଭଳି ଅଡିଓ ଭାଇରାଲ ହେବାରେ ଲାଗିଛି। ସମ୍ବଲପୁର ଜିଲ୍ଲା ବିଜେପି ଉପସଭାପତି ଜଣଙ୍କୁ ଫୋନରେ ଚାନ୍ଦା ମାଗିଛନ୍ତି। କର୍ମଚାରୀ ଜଣଙ୍କ ୧୦ ହଜାର ଟଙ୍କା ଅନଲାଇନରେ ପଠାଇ ଦେଇଛନ୍ତି। କିନ୍ତୁ ବିଜେପି ନେତାଙ୍କୁ ଏତିକି ଟଙ୍କା ସୁହାଇ ନାହିଁ। ତେଣୁ ଅଧିକ ଟଙ୍କା ନ ଦେଲେ ଆଗକୁ ଯାହା ହେବ ସମ୍ଭାଳିବ ବୋଲି ଧମକ ମଧ୍ୟ ଦେଇଛନ୍ତି। ଅଡ଼ିଓ କଲରେ ଜଣେ କର୍ମଚାରୀଙ୍କୁ କଲ କରାଯାଇଛି। ।ବିଜେପିର ଜଣେ ବ୍ୟକ୍ତି ଫୋନରେ ସମ୍ବଲପୁର ବିଜେପି ଉପ ଜିଲ୍ଲସଭାପତି ତଥା ରେଢାଖୋଲ ବିଜେପି ନେତା ବିଚିତ୍ରାନନ୍ଦ ସାହୁ ଅଛନ୍ତି କଥା ଲାଗିବା ପାଇଁ କହିଛନ୍ତି। ରେଢାଖୋଲର ଏହି ବିଜେପି ନେତା ମୋତେ ଭଲ ସେ ଜାଣିଛନ୍ତି ତ ବୋଲି ପଚାରିଛନ୍ତି। ଉକ୍ତ କର୍ମଚାରୀ ଜଣଙ୍କ ୧୦ ହଜାର ଟଙ୍କା ଅନ୍‌ଲାଇନରେ ପଠାଇ ଦେଇଥିବା କହିଛନ୍ତି। ସେଦିନ ଚାନ୍ଦା ମାଗିବା ପାଇଁ ବିଜେପି ନେତା ଯାଇଥିବା ସେ ଫୋନରେ ପ୍ରତିଉତ୍ତର ମଧ୍ୟ ରଖିଛନ୍ତି। କଣ ପାଇଁ ୧୦ ହଜାର ଟଙ୍କା ପଠାଇଛ ବୋଲି ନେତା ଜଣଙ୍କ ତାଗିଦ କରିଛନ୍ତି। ଦଳୀୟ କାର୍ଯ୍ୟକ୍ରମ ପାଇଁ ଟଙ୍କା ମଗାଯାଇଛି। କଣ ପାଇଁ ଅଧିକ ଦେଇ ନାହ ବୋଲି ରାଗି ଧମକ ମଧ୍ୟ ଦେଇଛନ୍ତି। ଆଗକୁ ଯାହା ହେବ ସମ୍ଭାଳିବ, ମୋ କଥା ଧମକ ଭାବିଲେ ଭାବ, କିନ୍ତୁ ନିଶ୍ଚୟ ଆଗକୁ ସମ୍ଭାଳିବ' ବୋଲି ନେତା ଜଣଙ୍କ ଧମକ ଦେଇଛନ୍ତି। ଜିଲ୍ଲାରେ ଏପରି ଅଡିଓ ଭାଇରାଲ ପରେ ଏବେ ସବୁଠି ଚର୍ଚ୍ଚା ଜୋର ଧରିଛି। ଜିଲ୍ଲାର ପଦବୀରେ ଥାଇ କର୍ମଚାରୀଙ୍କୁ ଖୋଲାଖୋଲି ଚାନ୍ଦା ପାଇଁ ଧମକ ଦେଉଥିବା ଘଟଣା ସାଧାରଣରେ ନିନ୍ଦା କରାଯାଇଛି। ପ୍ରଶାସନ, ବିଜେପି ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଜେପି ପକ୍ଷରୁ କୌଣସି ସ୍ୱୋଷ୍ଟକ୍ତି ମିଳିପାରିନାହି।

# ପଡ଼ାଗ୍ରାମ ବଡ଼ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ

**ବିଜେପୁର, ୧୫।୪(ସମିସ):** ଗ୍ରାମାଞ୍ଚଳର ଜଳ ସମ୍ପଦ ସୁରକ୍ଷା ଓ ପରିବେଶ ସନ୍ତୁଳନ ରକ୍ଷା କ୍ଷେତ୍ରରେ ବରଗଡ଼ ଜିଲ୍ଲା ପଡ଼ା ଗ୍ରାମ ଉଦାହରଣ ସୃଷ୍ଟି କରିଛି। ଗ୍ରାମର ପ୍ରାଚୀନ ତଥା ପରିଚୟ ବଡ଼ବନ୍ଧର ପୁନରୁଦ୍ଧାର କରାଯାଇଛି। ସ୍ଥାନୀୟ ମହାଲକ୍ଷ୍ମୀ ପୂଜା କମିଟୀ ପକ୍ଷରୁ ସଫେଇ ଆରମ୍ଭ ହୋଇଛି। ବହୁ ବର୍ଷ ଧରି ପଙ୍କୋଦ୍ଧାର ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି ପୋଖରୀଟି ନଷ୍ଟ ହେବାକୁ ବସିଥିଲା। ଗ୍ରାମବାସୀଙ୍କ ଜଳ ସମସ୍ୟା ଦୂର କରିବା ସହ ଭୂତଳ ଜଳ ସ୍ତର ବୃଦ୍ଧି କରିବା ପାଇଁ ମହାଲକ୍ଷ୍ମୀ ପୂଜା କମିଟି ଏହି ଦାୟିତ୍ୱ ନିଜ ହାତକୁ ନେଇଛି। ଏହି ଅଭିଯାନରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଗ୍ରାମର ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ଏକଜୁଟ ହୋଇଛନ୍ତି। ବିଡିଓ ସରୋଜ ବିଶ୍ୱାଳ



ଓ ସହକାରୀ ଯନ୍ତ୍ରୀ ପ୍ରିୟଙ୍କା ବେହେରା ସାମିଲ ହୋଇଥିଲେ। ଗୋପାଳ ମେହେର, ଆନନ୍ଦ ବାରିକ, ହେମନ୍ତ ମେହେର, ଶାନ୍ତନୁ ମିଶ୍ର, ବିଶିକେଶନ ମେହେର, ସୁବଳ ପଧାନ, ଉମେଶ ମେହେର, ଧର୍ମରାଜ ମେହେର ପ୍ରମୁଖ ଉପସ୍ଥିତ ରହି ଶ୍ରମଦାନ କରିବା ସହ କାର୍ଯ୍ୟର ତଦାରଖ କରୁଛନ୍ତି।

# ସମ୍ବଲପୁର ରେଳମଣ୍ଡଳରେ ଆମ୍ବେଦକରଙ୍କ ଜୟନ୍ତୀ




**ସମ୍ବଲପୁର, ୧୫।୪ (ସମିସ) :** ଭାରତ ରତ୍ନ ବାବାସାହେବ ଡକ୍ଟର ବି.ଆର. ଆମ୍ବେଦକରଙ୍କ ୧୩୫ତମ ଜନ୍ମବାର୍ଷିକୀ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାସ ଚନ୍ଦ୍ର ଚୌଧରୀ ବାବାସାହେବ ଡକ୍ଟର ବି.ଆର. ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବାବାସାହେବଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ, ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଚୌଧରୀ ଡକ୍ଟର ବି.ଆର. ଆମ୍ବେଦକରଙ୍କ ନୀତି ଏବଂ ଆଦର୍ଶକୁ ଅନୁସରଣ କରିବାକୁ ରେଳ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ରାଜେଶ୍ୱର ଟିଗ୍ଗା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ପର୍ବତାରୋହୀ ସମୀରା ଖାନ୍‌ଙ୍କ ସଂସ୍କାର ସ୍କୁଲ ପରିଦର୍ଶନ

**ବରଗଡ଼, ୧୫।୪(ସମିସ):** ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲକୁ ମଙ୍ଗଳବାର ପ୍ରସିଦ୍ଧ ପର୍ବତାରୋହୀ ତଥା ସାଇକେଲ ଚାଳକ ସମୀରା ଖାନ



ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍କୁଲରେ ତାଙ୍କର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରିନ୍ସିପାଲ କରନ ସାହୁ, ଏକାଡ଼େମୀକ କୋର୍ଡିନେଟର ସୀମା ସାହୁଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀବୃନ୍ଦ ଉପସ୍ଥିତ ଥିଲେ। ସଂସ୍କାର ସ୍କୁଲର ଛାତ୍ରୀମାନଙ୍କୁ ସେ କହିଥିଲେ, ନାରୀ ହେଉଛନ୍ତି ଭଗବାନଙ୍କର ସର୍ବୋତ୍ତମ ସୃଷ୍ଟି। ନାରୀ ବିହୀନ ସମାଜ କେବେ ବି ତିଷ୍ଠି ପାରିବ ନାହିଁ। ମାତ୍ର ପ୍ରାୟତଃ ସମାଜରେ ଝିଅ ମାନଙ୍କୁ ଆନନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବା ପାଇଁ ଦିଆଯାଉନାହିଁ। କମ୍ ବୟସରୁ ବିବାହ ଦ୍ୱାରା ତାଙ୍କର ସ୍ୱପ୍ନ ପୂରଣ ପାଇଁ ସୁଯୋଗ ସୃଷ୍ଟି ହେଉ ନାହିଁ। ଏହି ସବୁ ଭାବନା ଠାରୁ ଦୂରରେ ରହି ଝିଅମାନଙ୍କୁ ପାଠ ପଢ଼ିବା, ନିଜର ନିଷ୍ପତ୍ତି ନିଜେ ନେବାର କ୍ଷମତା ରଖିବା ତଥା ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ତିଆରି କରି ନିଜର ସମସ୍ତ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରେରଣା ଦେଇଥିଲେ। ଝିଅ ମାନେ ଶାରୀରିକ ଭାବେ ସୁସ୍ଥ ରୁହନ୍ତୁ ଯାହା ଦ୍ୱାରା ସେମାନେ ସମସ୍ତ ବାଧାବିଘ୍ନକୁ ଆଡ଼େଇ ଦେଇ ସବୁ କିଛି କରିପାରିବେ ବୋଲି ମଧ ସେ କହିଥିଲେ। ମହିଳା ସଶକ୍ତିକରଣ ଓ ନିଜର ଅଧିକାର ପ୍ରତି ନାରୀମାନେ ଜାଗ୍ରତ ରୁହନ୍ତୁ ବୋଲି କହିଥିଲେ। ଏହା ବ୍ୟତୀତ କର୍କଟ ରୋଗରୁ ରକ୍ଷା ପାଇବା ପାଇଁ ୧୪ ବର୍ଷର ଝିଅମାନଙ୍କୁ ଏଚ୍‌ପିଭି ଟୀକା ନେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀମାନେ ସମୀରା ଖାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ନିଜର ସଂଶୟ ଦୂର କରିଥିଲେ।

## ଭିମସାରରେ ରେଡିଓଗ୍ରାଫର୍ ଅଭାବ

# ୭ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ଦାବି

**ସମ୍ବଲପୁର, ୧୫।୪ (ସମିସ)**

ବୁର୍ଲାସ୍ଥିତ ଭିମସାରରେ ନୂତନ ଭାବରେ ସ୍ଥାପିତ ହାଇ-ଏଣ୍ଡ ୩ ଟେସ୍ଲା ଏମ୍‌ଆର୍‌ଆଇ ମେସିନ ରହିଛି। ଏହି ଉନ୍ନତ ଡାଇଗ୍ନୋଷ୍ଟିକ୍ ସୁବିଧାର ଉପଲବ୍ଧତା ସତ୍ତ୍ୱେ, ତାଲିମପ୍ରାପ୍ତ ରେଡିଓଟେକ୍ନିସିଆନ୍‌ଙ୍କ ତୀବ୍ର ଅଭାବ ଯୋଗୁଁ ଏହାର କାର୍ଯ୍ୟକ୍ଷମତା ଗୁରୁତର ଭାବରେ ପ୍ରତିବନ୍ଧିତ ରହିଛି। ରେଡିଓ ଟେକ୍ନିସିଆନ ନିଯୁକ୍ତି ଏବଂ ଅନ୍ୟ ସମସ୍ୟା ଗୁଡ଼ିକ ନେଇ ଗତ ଜାନୁଆରୀ ୩ ତାରିଖରେ ଭିମସାର ଜୁନିଅର ଡାକ୍ତର ସଂଘ (ଜେଡିଏ) ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲା। ଜାନୁଆରୀ ୭ ତାରିଖରେ ଜିଲ୍ଲାପାଳ ଭିମସାର ଅଧୀକ୍ଷକଙ୍କୁ ରେଡିଓ ଟେକ୍ନିସିଆନ ନିଯୁକ୍ତି ଏବଂ ଅନ୍ୟ ସମସ୍ୟା ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ, ଏହାର ୩ ମାସ ବିତିଯିବା ପରେ ବି କୌଣସି ପଦକ୍ଷେପ ନିଆଯାଇନାହିଁ। ରେଡିଓ ଟେକ୍ନିସିଆନ ଅଭାବରୁ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେବାସହ ବାହାରେ ଏମ୍‌ଆର୍‌ଆଇ ପରୀକ୍ଷା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ ଆଜି ଜେଡିଏର ଏକ ଜରୁରୀ ବୈଠକ ସଭାପତି ମାନସ ରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ଯଦି ୭ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରା ନ ଯାଏ, ଜେଡିଏ କଠୋର ନିଷ୍ପତ୍ତି ନେବାକୁ ବାଧ୍ୟହେବ ବୋଲି ଚେତାବନୀ ଦିଆଯାଇଛି।

ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ, ଆଦର୍ଶ ଭାବରେ, ଭିମସାର ଭଳି ଚିକିତ୍ସା କେନ୍ଦ୍ରରେ ଏକ ଏମ୍‌ଆରଆଇ ୟୁନିଟ୍ ଅଧିକ ରୋଗୀ ଭାର ପୂରଣ କରିବା ପାଇଁ ଦିନକୁ ଅତି କମରେ ୨୦ ଘଣ୍ଟା ପାଇଁ ଘଣ୍ଟା କାର୍ଯ୍ୟ କରିବା ଉଚିତ। ତଥାପି, ବର୍ତ୍ତମାନର କାର୍ଯ୍ୟକ୍ଷମ ସମୟ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ (ଦୈନିକ କେବଳ ୭ ଘଣ୍ଟା) ସୀମିତ। ଭିମସାରରେ ଏହି ଏମଆରଆଇ ମେସିନ୍ ସ୍ଥାପନ ପୂର୍ବରୁ, ରୋଗୀମାନେ ଓଡ଼ିଶା ସରକାରଙ୍କ ପିପିପି ମୋଡ୍ ଅନ୍ତର୍ଗତ ବୁର୍ଲାର ଏକ ନିକଟସ୍ଥ ଘରୋଇ ନର୍ସିଂ ହୋମରେ ମାଗଣା ଏମ୍‌ଆରଆଇ ସୁବିଧା ପାଇପାରୁଥିଲେ, ଯେଉଁଠାରେ ଏମଆରଆଇ ସ୍କାନ ସାଧାରଣତଃ କିଛି ଦିନ ମଧ୍ୟରେ ସମାପ୍ତ ହେଉଥିଲା, ଏବଂ ଜରୁରୀକାଳୀନ ମାମଲାଗୁଡ଼ିକ ୨୪ ଘଣ୍ଟା ମଧ୍ୟରେ ପରିଚାଳନା କରାଯାଉଥିଲା। ବିପରୀତରେ, ଭିମସାରରେ ବର୍ତ୍ତମାନର ପରିସ୍ଥିତି ଚିନ୍ତାଜନକ। ନିୟମିତ ରୋଗୀମାନଙ୍କୁ ଏବେ ୪-୫ ମାସ ପରେ ଏମ୍‌ଆରଆଇ ତାରିଖ ଦିଆଯାଉଛି, ଯେତେବେଳେ ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ଗୋଟିଏ ମାସରୁ ଅଧିକ ବିଳମ୍ବ ହେଉଛି, ଯାହା ଗୁରୁତର କ୍ଲିନିକାଲ୍ ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଗତ ୩-୪ ମାସ ଧରି, ଜେଡିଏ ଏହି ପ୍ରସଙ୍ଗକୁ ଲଗାତାର ଉଠାଇ ଆସିଛି। ଜେଡିଏ ହସ୍ପିଟାଲ ପ୍ରଶାସନ ସହିତ ଯୋଗାଯୋଗ କରିଛି, ଯେଉଁଥିରେ ଅଧୀକ୍ଷକ ଏବଂ ନିର୍ଦ୍ଦେଶକ ମଧ୍ୟ ସାମିଲ ଅଛନ୍ତି। ରୋଗୀ ସେବାର ସ୍ୱାର୍ଥରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରି ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଅବଗତ କରାଯାଇଛି। ଏହା ବ୍ୟତୀତ, ଏହି ବିଷୟ ସ୍ଥାନୀୟ ବିଧାୟକ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ମଧ୍ୟ ଅଣାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଚୁପ୍

**ପାଇକମାଳ, ୧୫।୪(ସମିସ):** ସରକାର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ଏନେଇ ସରକାରଙ୍କ ସ୍ୱତନ୍ତ୍ର ବିଭାଗ ରହିଛି ଓ ମୋଟା ଅଙ୍କର



ଦରମା ନେଇ ଅଧିକାରୀ, କର୍ମଚାରୀ କାର୍ଯ୍ୟରତ ଅଛନ୍ତି; କିନ୍ତୁ ପାଇକମାଳ ବ୍ଲକରେ ସରକାରୀ ଯୋଜନା

**ଲୁକାପାଲିରେ ସୋଲାର ପ୍ରକଳ୍ପ ଅଚଳ**

**ପାଣି ପାଇଁ ପଡ଼ାବାସୀ ହନ୍ତସନ୍ତ**

ପ୍ରହସନ ପାଲଟିଛି। ମିଠାପାଲି ପଞ୍ଚାୟତ ପିପଲଖୁଣ୍ଟା ଲୁକାପାଲି ପଡ଼ାବାସୀ ବିଶୁଦ୍ଧ ପାଣି ଟୋପାଏ ପାଇଁ ତହଳ ବିକଳ ହେବା ସରକାରୀ ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଡ଼ାରେ ୨୫୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ପାଖାପାଖି ୧ ମାସ ହେଲା ସୋଲାର ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବାରୁ ପଡ଼ାବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ପ୍ରକଳ୍ପ ସଜାଡ଼ିବା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ପଡ଼ାବାସୀଙ୍କ ଦାବି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ମନୋଭାବ ଅସନ୍ତୋଷର କାରଣ ହୋଇଛି।

କ୍ରୀଷ୍ଣା ବିକାଶ ଗ୍ରୁପ ବରଗଡ଼

# ସିବିଏସ୍ଇ ଦଶମ ପରୀକ୍ଷାରେ ୨୯ ଛାତ୍ରଛାତ୍ରୀ ୯୫%ରୁ ଊର୍ଦ୍ଧ୍ୱ ମାର୍କ

ବରଗଡ଼, ୧୫।୪(ସମିସ)

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ ସିବିଏସ୍ଇ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ୨୯ ଜଣ ଛାତ୍ରଛାତ୍ରୀଙ୍କ ୯୫% ଏବଂ ୮୮ ଜଣ ଛାତ୍ରଛାତ୍ରୀଙ୍କ ୯୦%ରୁ ଉର୍ଦ୍ଧ୍ୱ ମାର୍କ ଏବଂ ୧୭୩ ଜଣ ଛାତ୍ରଛାତ୍ରୀ ୮୦%ରୁ ଉର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖି ସ୍କୁଲକୁ ଓଡ଼ିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିଛନ୍ତି ବୋଲି ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ପ୍ରକାଶ କରିଛନ୍ତି। କ୍ରିଷ୍ଣା ବିକାଶ ବରଗଡ଼ର ଏକ୍‌ଜ୍ୟୁକେଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ କହିଛନ୍ତି ଯେ, ଦଶମରେ ୯୦ରୁ

**୮୮ ଜଣ ଛାତ୍ରଛାତ୍ରୀଙ୍କ ୯୦%ରୁ ଉର୍ଦ୍ଧ୍ୱ ମାର୍କ**

**କ୍ରୀଷ୍ଣା ବିକାଶ ଗ୍ରୁପ୍ ଅଫ୍ ସିବିଏସ୍ଇ ସ୍କୁଲ୍‌ର ସର୍ବୋଚ୍ଚ ୯୯.୨%**

ଉର୍ଦ୍ଧ୍ୱ ପ୍ରତିଶତ ରଖିଥିବା ୮୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମ୍ବିଦ୍ଧି ପାଣିଗ୍ରାହୀ ୯୯.୨% ରଖି ବିକାଶ ଶିକ୍ଷାନୁଷ୍ଠାନର ଶ୍ରେଷ୍ଠରେ ରହିଛନ୍ତି ଏବଂ ଅଦ୍ଧା ଅଗ୍ରୱାଲ ୯୮.୮%, ବିଷ୍ଣୁ ପ୍ରସାଦ ସାହୁ ୯୮.୪%, ପ୍ରକ୍ରିତି ପ୍ରିୟାଦର୍ଶନୀ ପଟେଲ ୯୮.୪%, ଦିବ୍ୟମ୍ ସା ୯୮.୨%, ସୁଚିସ୍ମିତା ଗୁରୁ ୯୮.୨%, ସୌମିଲ ମିତଲ୍ ୯୮%, ସୁପ୍ରିତ ପଟେଲ ୯୭.୪%, ଆୟାନ୍ୟା ରଥ ୯୭.୨%, ସୃଷ୍ଟି ପ୍ରଜ୍ଞା ପଣ୍ଡା ୯୭%, ତୁଚିନ୍ତନ ପ୍ରଧାନ ୯୭%, ଅନ୍ୱିତା ନାୟକ ୯୬.୮%, ଅଶ୍ଳେସା ମିଶ୍ର ୯୬.୬%, ଅଭିସ୍ମା ପ୍ରଧାନ ୯୬.୨%, ଅଲଙ୍କିତା ମୋହାନ୍ତି ୯୬.୨%, ତୋଶରାଜ ସିଂ ୯୬%, ମାଲ୍ୟା ଅଗ୍ରୱାଲ ୯୬%, କରନ କୁମାର ୯୫.୮%, ଶ୍ରେୟାଂଶ ଖମାରୀ ୯୫.୮%, ସାକ୍ଷୀ ସିଂ ୯୫.୮%, ସୌମ୍ୟା ପ୍ରିୟଦର୍ଶନ ମଲ୍ଲୀକ ୯୫.୬%, ପୋରାୟନୀ କିସ୍‌କୁ ୯୫.୬%, ଦିପାଂଶୁ ପରିଡ଼ା ୯୫.୨%, ଅନୁଜୟ ଅଗ୍ରୱାଲ ୯୫%, ଅରୋସ୍ମାନ ମିଶ୍ର ୯୫%, ସ୍ୱାଗତ ସମର୍ଥ ସାହୁ ୯୫%, ଅମର ଦୀପ ସୌର୍ଯ୍ୟ ୯୫%, ଅଂଶୀକା ଦାଶ ୯୫%, ନରସିଂହ୍ମା ରଥ ୯୫%ମାର୍କ ରଖି ସଫଳତା ତାଲିକାର ଶୀର୍ଷରେ ଅଛନ୍ତି। ଜାତୀୟସ୍ତରରେ ୯୦%ରୁ ଉର୍ଦ୍ଧ୍ୱ ମାକ୍ର୍ ରଖିଥିବା ଛାତ୍ରଛାତ୍ରୀଙ୍କ ହାର ଠାରୁ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କ ହାର ବହୁ ଉର୍ଦ୍ଧ୍ୱ ଥିବା ସହ ଦଶମ ଶ୍ରେଣୀ ଫଳାଫଳରେ ସ୍କୁଲର ୧୦୦% ଛାତ୍ରଛାତ୍ରୀ ଉତ୍ତିର୍ଣ୍ଣ ହୋଇଛନ୍ତି ବୋଲି ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧକ୍ଷ ଚିତରଞ୍ଜନ ପତି କହିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପର ଅନ୍ୟ ଶାଖାମାନଙ୍କରେ ମଧ ଦଶମ ଶ୍ରେଣୀ ଫଳାଫଳ ଉତ୍କୃଷ୍ଟମାନର ବୋଲି କ୍ରିଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡ଼.ସମରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି। କ୍ରିଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲରୁ ୧୦ ଜଣ ଛାତ୍ରଛାତ୍ରୀ ୯୫ରୁ ଉର୍ଦ୍ଧ୍ୱ ପ୍ରତିଶତ ରଖିଥିବାବେଳେ ୩୧ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ରଖିଥିବା ବେଳେ ସୌମ୍ୟା ମହାନ୍ତି ୯୯% ମାର୍କ ରଖି ଶୀର୍ଷରେ ଅଛନ୍ତି। ସେ ଭଳି ସାଧା ସଭିତା ପଣ୍ଡା ୯୮.୮%, ସାନ୍‌ଭୀ ପିପ୍‌ଲାନୀ ୯୭.୮%, ଆର୍ଯ୍ୟ ଦାସ ୯୭.୬%, ସାଇ ସ୍ୱରୁପ୍ ଦାସ ୯୭.୪%, ରୋହିତ ଅଗ୍ରୱାଲ ୯୭.୨%, ରିଜଲ ରାଉତ ୯୬.୨%, ଶ୍ରଦ୍ଧା ଅଗ୍ରୱାଲ ୯୫.୨%, ସୌଭିତ୍ କୁମାର ସୁବୁଧ ୯୫.୨%, ସ୍ୱୟାନ୍‌ସିଧ ଜେନା ୯୫.୨% ରଖିଛନ୍ତି। ବିକାଶ ଇଣ୍ଟ ଗ୍ଲୋବାଲ ସ୍କୁଲ, ରାଉରକେଲାର ୧୬ ଜଣ ଛାତ୍ରଛାତ୍ରୀ ୯୦ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ବେଳେ ଗୌରବ ଦାସ ୯୬.୮%ରଖି ଶୀର୍ଷରେ ଥିବାବେଳେ ଅନିକେତ ସାହୁ ୯୬%, ପ୍ରଭୁ ଜିତ୍ ସାମଲ ୯୫.୬%, ବିନୀତ କୁମାର କୁସ୍ୱାହା ୯୫.୪%, ସୁଶ୍ରୀ ସିଦ୍ଧିସ୍ମିତା ବାରିକ ୯୫% ରଖିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପର ସିମେଣ୍ଟନଗର ଇଂଲିଶ ମିଡିୟମ, ସିମେଣ୍ଟ ନଗର ଇଂଲିଶ ମିଡିୟମ ଡୁଙ୍ଗୁରୀ କ୍ୟାମ୍ପସ କ୍ରିଷ୍ଣା ବିକାଶ ସୋସିଆଲ୍ ୱେଲଫେୟାର ସ୍କୁଲରୁ ୮ଜଣ ଛାତ୍ରଛାତ୍ରୀ ୯୦ରୁ ଉର୍ଦ୍ଧ୍ୱ ପ୍ରତିଶତ ରଖିଥିବା ବେଳେ ସିମେଣ୍ଟନଗର ଇଂଲିଶ ମିଡିୟମ ସ୍କୁଲର ଗୌରବ ପାଣିଗ୍ରହୀ ୯୭.୬% ମାର୍କ ରଖି ଶୀର୍ଷରେ ଅଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଶ୍ରେଷ୍ଠ ଫଳାଫଳ ପାଇଁ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ମୂରଲୀ କ୍ରୀଷ୍ଣା, ସଫଳ ଛାତ୍ରଛାତ୍ରୀ ଏବଂ ଅଧାପକ, ଅଧାପିକାଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି।



ସିବିଏସ୍ଇ ଦଶମ ପରୀକ୍ଷାରେ ସଂସ୍କାର ସ୍କୁଲର ସଫଳତା

# ସର୍ବୋଚ୍ଚ ନମ୍ବର ରଖି ଗୌରବ ଆଣିଲେ ଛାତ୍ରଛାତ୍ରୀ

**ବରଗଡ଼, ୧୫।୪(ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ ଗତ ବର୍ଷ ପରି ଏ ବର୍ଷ ମଧ ପୁଣି ଥରେ ସମଗ୍ର ଓଡ଼ିଶାରେ ସର୍ବୋଚ୍ଚ ନମ୍ବର ରଖି ଇତିହାସ ରଚନା କରିଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସ୍କୁଲ ପରିସରରେ ଆନନ୍ଦର ଲହରୀ ଖେଳି ଯାଇଛି। ବହୁ ସ୍ଥାନୀୟ ଓ ହଷ୍ଟେଲ ଛାତ୍ରଛାତ୍ରୀ ନିଜର ପ୍ରତିଭାର ପରିଚୟ ଦେଇଛନ୍ତି। ଅଧିକାଂଶ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଇଶିକା ଅଗ୍ରୱାଲ ୯୯.୨ ପ୍ରତିଶତ, ସଂସ୍କୃତି ଜୈନ ୯୯.୨ ପ୍ରତିଶତ, ବଂଶିକା ଅଗ୍ରୱାଲ ୯୮.୨ ପ୍ରତିଶତ, ରିଦ୍ଧିକ ମୁକାଲା ୯୭.୬ ପ୍ରତିଶତ, ମୋହିତ କୁମାର ସାହୁ ୯୬.୨ ପ୍ରତିଶତ, ସମ୍ପର୍ଣ୍ଣା ଭାରଦ୍ୱାଜ ୯୬.୨ ପ୍ରତିଶତ, ପ୍ରିୟାଂଶୁ ନାଏକ ୯୫.୨ ପ୍ରତିଶତ, ସଂସ୍କାର ଅଗ୍ରୱାଲ ୯୫ ପ୍ରତିଶତ, ସ୍ନେହଲ ଅଗ୍ରୱାଲ ୯୪.୮ ପ୍ରତିଶତ, ଅଂଶ ଅଗ୍ରୱାଲ ୯୪.୯ ପ୍ରତିଶତ, ରୋଶନୀ ଅଗ୍ରୱାଲ ୯୪.୪ ପ୍ରତିଶତ, ସମର୍ଥ ଅଗ୍ରୱାଲ ୯୪.୨ ପ୍ରତିଶତ, ଅକ୍ଷଜ ମିତ୍ତଲ ୯୪.୨ ପ୍ରତିଶତ, ବୈଷ୍ଣବୀ ରୁଙ୍ଗଟା ୯୪ ପ୍ରତିଶତ, ମିହିକା ଅଗ୍ରୱାଲ ୯୩.୮ ପ୍ରତିଶତ, ଅନନ୍ତ ଅଗ୍ରୱାଲ ୯୩.୮ ପ୍ରତିଶତ, ସାନଭି ଧାନୁକା ୯୩.୪ ପ୍ରତିଶତ, ଅକ୍ଷରା ରୁଙ୍ଗଟା ୯୩.୨ ପ୍ରତିଶତ, ତୃପ୍ତି ଜୈନ ୯୨.୪ ପ୍ରତିଶତ, ଶ୍ରିୟାଂଶ ଅଗ୍ରୱାଲ ୯୨.୨ ପ୍ରତିଶତ, ଅଂଶିକା ଅଗ୍ରୱାଲ ୯୨.୨ ପ୍ରତିଶତ, ରମନ ଗର୍ଗ ୯୨.୨ ପ୍ରତିଶତ, ପ୍ରତ୍ୟୁଷ ମାଝି ୯୧.୨ ପ୍ରତିଶତ, ଓଜସ୍ୱିନୀ ସାହୁ ୯୧ ପ୍ରତିଶତ ରଖି ନିଜ ବିଦ୍ୟାଳୟ ତଥା ରାଜ୍ୟସ୍ତରରେ ପ୍ରଶଂସାର ପାତ୍ର ହୋଇଛନ୍ତି। ଯାହାକି ବରଗଡ଼ ଜିଲ୍ଲା ପାଇଁ ଏକ ଗୌରବର ବିଷୟ। ଛାତ୍ରଛାତ୍ରୀମାନେ ଏହି ସଫଳତା ପାଇଁ ବହୁତ ପରିଶ୍ରମ କରିଥିଲେ। ସେମାନେ ସମସ୍ତେ ଆଗକୁ ମଧ ଶିକ୍ଷା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ ବୋଲି ପ୍ରକାଶ କରିଛନ୍ତି।





ଛାତ୍ରଛାତ୍ରୀମାନଙ୍କର ଏହି ସଫଳତାରେ ସଂସ୍କାର ସ୍କୁଲର ଚେୟାରମ୍ୟାନ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ଏକାଡ଼େମୀକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ସୁଶ୍ରୀ ରୀତା ନାୟକ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ହେବା ସହ ସମସ୍ତଙ୍କୁ ଶୁଭକାମନା ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଅଭିଭାବକମାନେ ମଧ ଅତ୍ୟନ୍ତ ଖୁସି ହୋଇ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାର ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇ ବିଦ୍ୟାଳୟରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ସଂସ୍କାର ଭାରତୀ ପକ୍ଷରୁ ସଞ୍ଚାର କଳକାରଙ୍କୁ ସମ୍ବର୍ଦ୍ଧନା

**ଝାରବନ୍ଧ, ୧୫।୪(ସମିସ):** ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ମାଟି ଝାରବନ୍ଧରେ ସଞ୍ଚାର କଳାର ସୁର ଓ ରଙ୍ଗରେ ମୁଗ୍ଧ ହୋଇଉଠିଲା ପରିବେଶ। ସଂସ୍କାର ଭାରତୀ ପଶ୍ଚିମ ପ୍ରାନ୍ତ ଦ୍ୱାରା ଓଡ଼ିଶା ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଓ ସଙ୍ଗୀତ ନାଟକ ଏକାଡେମୀର ପ୍ରାୟୋଜନାରେ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକର ମିଶନ ଶକ୍ତି ହଲ୍‌ରେ ଭବ୍ୟ ଦୀକ୍ଷାନ୍ତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ମାସ ଧରି ଚାଲିଥିବା ସଞ୍ଚାର କଳା ଶିକ୍ଷା କାର୍ଯ୍ୟକ୍ରମର ସଫଳ ସମାପନ ସୂଚନାରେ ଉତ୍ସବ ଆୟୋଜିତ ହୋଇଥିଲା।କଳାରେ ପାରଦର୍ଶିତା ହାସଲ କରିଥିବା ୧୦ ଜଣ ଶିଷ୍ୟଙ୍କ ସହ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ମଧୁମୟ କଳା ସଂସ୍କୃତି ସଂଗଠନର ଅଧକ୍ଷ ମୋତିଲାଲ ବାଗଙ୍କ ଆୟୋଜନାରେ ଓ ଲୋକକଳା ପ୍ରମୁଖ ରଞ୍ଜନ ସାହୁଙ୍କ ସୁଚାରୁ ପରିଚାଳନାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବସ୍ମରଣୀୟ ମଞ୍ଚରେ ପରିଣତ ହୋଇଥିଲା। କାର୍ଯ୍ୟକ୍ରମରେ ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା ଓ ସଂସ୍କୃତିର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ।



ସମ୍ମାନିତ ଅତିଥି ଭାବେ ଖଟିଖିଆ ସଂଗଠନ ଝାରବନ୍ଧର ସଭାପତି ଭୋଜରାଜ ବାଗ, ସଂସ୍କାର ଭାରତୀର ଅଧକ୍ଷ ହରେକୃଷ୍ଣ ଭୋଇ, ଉତ୍କଳ ପଶ୍ଚିମ ପ୍ରାନ୍ତର ଲୋକକଳା ପ୍ରମୁଖ ତଥା ଲୋକକଳା ବିଶେଷଜ୍ଞ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ସମ୍ବଲପୁରର ରଞ୍ଜନ କୁମାର ସାହୁ, ଦୃଶ୍ୟ କଳା ସଂଯୋଜକ ପଞ୍ଚାନନ ବାରିକ ଓ ସମ୍ବଲପୁର ବିଭାଗୀୟ ସମ୍ପାଦକ ମହେଶ ପଟେଲ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗୁରୁ ଚକ୍ରପାଣି ସେଟଙ୍କ ସହ ତାଙ୍କର ଶିଷ୍ୟମାନେ ଘନଶ୍ୟାମ ନାଗ, ରୋହିତ ତାଣ୍ଡି, ବଣି ଛତର, କୁମ୍ଭପାଣି ସେଟ, କୃପାସିନ୍ଧୁ ଦୀପ, କପୁରଚନ ଛତର, ଗଣେଶ କୁମ୍ଭାର, ବ୍ରହ୍ମନନ୍ଦ ବନଛୋର ଡୋଳ ଓ ମଣି କୁମ୍ଭାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଆକର୍ଷଣ ଥିଲା ଶିଷ୍ୟମାନଙ୍କ ସଞ୍ଚାର କଳା ପରିବେଷଣ, ଯାହା ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା।

# ତାଣ୍ଡବ ରଚିଲା କାଳବୈଶାଖୀ

**ଥୁଆମୂଳରାମପୁର, ୧୫।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତର ଫଟକିମହୁଲ ଗାଁରେ କାଳବୈଶାଖୀ ଝଡ଼ ଭୟାବହ ରୂପ ଧାରଣ କରି ଜନଜୀବନକୁ ବ୍ୟାପକ ପ୍ରଭାବିତ କରିଛି। ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ପ୍ରବଳ ପବନ ବର୍ଷା ସହିତ ବିଜୁଳି ଘଡଘଡି ଶବ୍ଦରେ ଥରି ଉଠିଥିଲା ଅଞ୍ଚଳ। କାଳବୈଶାଖୀର ପ୍ରଭାବରେ ଗାଁର ଗୁରୁବାରୁ ମାଝୀଙ୍କ ଘରର ଆଜବେଷ୍ଟସ୍ ଉଡି ଚୁରମାର୍ ହୋଇଯାଇଛି। ଏହା ସହିତ ଗାଁର ସୋଲାର ପାଣି ଟାଙ୍କି ଉପରେ ଲାଗିଥିବା ସୋଲାର ପେନାଲଗୁଡିକୁ ମଧ ପବନ ଉଡାଇ ତଳକୁ ପକାଇ ଦେଇଛି। ଘଟଣାରେ ଗୁରୁବାରୁ ମାଝୀଙ୍କ ଘରର ରାସନ ସାମଗ୍ରୀ ସହିତ ଅତ୍ୟାବଶ୍ୟକ ଘରୋଇ ସାମଗ୍ରୀ ମଧ ପୂରାପୁରି ନଷ୍ଟ ହୋଇଯାଇଛି। ଦିନକୁ ଦିନ ମଜୁରି କରି ଜୀବନଯାପନ କରୁଥିବା ଏହି ଗରିବ ଆଦିବାସୀ ପରିବାର ପାଇଁ ବଡ଼ କ୍ଷତି କରିଛି। ଘର ସଜାଡିବା ପାଇଁ କୌଣସି ସମ୍ବଳ ନଥିବାରୁ ପରିବାରଟି ବର୍ତ୍ତମାନ ଅସହାୟ ଅବସ୍ଥାରେ ରହିଛନ୍ତି। ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ଶୀଘ୍ର କ୍ଷୟକ୍ଷତିର ଆକଳନ କରି ପୀଡ଼ିତ ପରିବାରକୁ ଯଥାଶୀଘ୍ର ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି।



# ଆମ୍ବେଦକର ଜୟନ୍ତୀ



**ବରଗଡ଼, ୧୫।୪(ସମିସ):** ଭୀମ ଆର୍ମି ବରଗଡ଼ ଜିଲ୍ଲା ନେତୃତ୍ୱରେ ଭାରତର ସମ୍ବିଧାନ ରଚୟିତା ଡ. ବାବାସାହେବ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ଅବସରରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅମ୍ବାପାଲି ଛକ ଠାରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ବିଭିନ୍ନ ମାର୍ଗ ଅତିକ୍ରମ କରି ନିଶାମଣି ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୨୦୦୦ରୁ ଅଧିକ ଆମ୍ବେଦକରବାଦୀ ଯୋଗ ଦେଇଥିଲେ। ଏହି ଅବସରରେ ନିଶାମଣି ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାରେ ସମତା ସୈନିକ ଦଳ, ଆମ୍ବେଦକର ଯୁବ ସଂଘ ବରଗଡ଼ ସହିତ ଜିଲ୍ଲାର ସମସ୍ତ ଆମ୍ବେଦକରବାଦୀ ସଂଗଠନ ସାମିଲ ହୋଇଥିଲେ। ଭୀମ ଆର୍ମି ବରଗଡ଼ ଜିଲ୍ଲା ସଭାପତି ସୁରଥ ନାଗଙ୍କ ନେତୃତ୍ୱରେ ଆଶିଷ ଗୌତମ, ଅନ୍ତର୍ଯ୍ୟାମୀ ଗର୍ଡ଼ିଆ, ସୁଶାନ୍ତ ସୁନା, ଜୁଗୁନୁ ଜଗଦଲା, ପୁରନ୍ଦର ଭୋସାଗର, ସଞ୍ଜୀବ କୁମାର ସୁନା ଓ ବୈକୁଣ୍ଠ ଜାଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା।

## ଭୀମ ରାଓ ଯୁବା ସଂଘ



**ବରଗଡ଼:** ମଙ୍ଗଳବାର ଦିନ ସ୍ଥାନୀୟ ବାଞ୍ଜିପଡ଼ା ୱାର୍ଡ ନମ୍ବର ୧୧ ଠାରେ ଡ. ଭୀମ ରାଓ ଯୁବା ସଂଘ ଦ୍ୱାରା ୧୩୫ତମ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସଭାପତି ଧୀମାନ ଅଚ୍ୟୁତ ସର ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଦୁଃଖୀସେବକ ସାହୁ ଯୋଗଦେଇଥିଲେ। ବାଞ୍ଜିପଡ଼ାର ସମସ୍ତ ପଡ଼ାବାସୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

**ଭେଡେନ:** ଭେଡେନଠାରେ ଡ. ବିଆର ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଭେଡେନ ଭୀମ ଆର୍ମି ବ୍ଲକ ସଭାପତି ହିମାଂଶୁ ଭୋସାଗରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଭେଡେନ ବିଡିଓ କର୍ଣ୍ଣ ସୁନା ଯୋଗଦେଇଥିଲେ। ଏହି ଅବସରରେ ଜାମଡୋଲ ଗ୍ରାମ ଠାରୁ ଭେଡେନ ବ୍ଲକ ଭୀମ ଆର୍ମିର ସଦସ୍ୟମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଭେଡେନ ଗ୍ରାମ ପରିକ୍ରମା କରି ଭେଡେନ ସ୍ଥିତ କଲ୍ୟାଣ ମଣ୍ଡପ ପାରିସସରେ ପହଞ୍ଚିଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ସମେତ ଜିଲ୍ଲା ସଭାପତି ଆଶିଷ ଗୌତମ, ଅତାବିରାରୁ ବାବଲୁ ଭେସ୍ର. ଜୟ କ୍ରିଷ୍ଣା ଛୁରିଆ, ଶଙ୍କର ସୁନା. ନରେନ୍ଦ୍ର ଗର୍ଡିଆ. ଅମିତ ବାରିକ, ବୈକୁଣ୍ଠ ଜାଲ, ସମ୍ପତି କୁମ୍ଭାର, ଅନ୍ତର୍ଜାମୀ ଗର୍ଡିଆ, ପ୍ରକାଶ ରାଜହଂସ, ଦେବେନ୍ଦ୍ର ପେରା, ଭୁବନେଶ୍ୱର ନାଗ, ହିରୋ କୁମ୍ଭାର, ଅରବିନ୍ଦ ସୁନା, ରୋହିତ ସୁନା, ଓକିଲ ଲୁହା, ରାଜେଶ କନ୍ତ, ରାହୁଲ ନାଗ, କାହ୍ନା ଦୀପଙ୍କ ସେମେଟ ଭେଡେନ ବ୍ଲକର ଭୀମ ଆର୍ମିରେ ସବୁ ଭାଇଭଉଣୀମାନେ ଯୋଗଦେଇଥିଲେ।

# ୫୦ସେଞ୍ଚୁରିଆନ ସାଥୀଙ୍କୁ ସମ୍ମାନିତ

**ଭବାନୀପାଟଣା, ୧୫।୪ (ସମିସ):** କଳାହାଣ୍ଡି ଜିଲ୍ଲା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟର ପାରଳାଖେମୁଣ୍ଡି କ୍ୟାମ୍ପସରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରିଥିଲା। ଯୁବପିଢ଼ିଙ୍କୁ ମାର୍ଗଦର୍ଶନ ଏବଂ ଶିକ୍ଷା ଦେବାରେ ସେମାନଙ୍କର ଅବଦାନ ପାଇଁ ବିଭିନ୍ନ ଅଞ୍ଚଳର ୫୦ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସମେତ ସାମ୍ବାଦିକ ମନୋଜ କୁମାର ନାଏକ, ଭାରତ ବିଶି ଓ ବିଷ୍ଣୁ ଚରଣ ସ୍ୱାଇଁଙ୍କୁ ସେଞ୍ଚୁରିଆନ ସାଥୀ ଭାବେ ସମ୍ମାନିତ କରାଯାଇଥିଲା। ପାରଳାଖେମୁଣ୍ଡି କ୍ୟାମ୍ପସ ସଂଯୋଜକ ମଧୁର ବଚନ ଭାନୁ ପ୍ରସାଦ ବିଷୋୟୀ ସମସ୍ତ ସେଞ୍ଚୁରିଆନ ସାଥୀଙ୍କୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ସ୍ୱାଗତ କରିଥିଲେ। ସିୟୁଟିଏମ୍ ସ୍କୁଲ ଅଫ୍ ଇଞ୍ଜିନିୟରିଂର ଡିନ୍ ଡ.ପ୍ରଫୁଲ୍ଲ ପଣ୍ଡା, ସିୟୁଟିଏମ୍ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଦକ୍ଷତା କାର୍ଯ୍ୟକ୍ରମର ସମୀକ୍ଷା ପ୍ରଦାନ କରିଥିଲେ। ପ୍ରଫେସର ସମ୍ବିଦ ପାତ୍ର ଆଞ୍ଚଳିକ ନିରେଦେଶକ ସିୟୁଟିଏମ୍ ସ୍କୁଲ ଅଫ ସେଣ୍ଟୁରିଓଅନ ପାରଳାଖେମୁଣ୍ଡି, ସେଞ୍ଚୁରିଆନ୍‌ର ମାର୍ଗଦର୍ଶୀ ଦର୍ଶନ, 'ଜୀବନ ଗଠନ, ସମ୍ପ୍ରଦାୟକୁ ସଶକ୍ତ କରିବା' ଉପରେ ଗୁରୁତ୍ୱାରୋପ କରିଥିଲେ। ଜଗନ୍ନାଥ ପଣ୍ଡା ମୁଖ୍ୟ ଛାତ୍ରାବାସ ୱାର୍ଡେନ୍ ଦକ୍ଷତା ବିକାଶ ପାଠ୍ୟକ୍ରମ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଆଲୋଚନା ସମୟରେ, ସାଥୀମାନେ ପାରଳାଖେମୁଣ୍ଡି କ୍ୟାମ୍ପସରେ ଉପଲବ୍ଧ ସୁବିଧା ଏବଂ ଭିତ୍ତିଭୂମି ଉପରେ ବହୁତ ସନ୍ତୋଷ ପ୍ରକାଶ କରିଥିଲେ।

ସିଏମ୍ ଟ୍ରଫି ଜୁନିୟର ଫୁଟବଲ

# ଖରମୁଣ୍ଡା, ଆମ୍ବେଦକର ବିଜୟୀ



**ବରଗଡ଼, ୧୫।୪(ସମିସ):** ଓଡ଼ିଶା ରାଜ୍ୟ ସରକାର, ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଏସୋସିଏସନ୍ ଅଫ ଓଡ଼ିଶା ଆନୁକୂଲ୍ୟରେ ଆଜି ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର ଷଷ୍ଠ ଦିନରେ ଖରମୁଣ୍ଡା ଆଥଲେଟିକ ଆସୋସିଏସନ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ଆମ୍ବେଦକର ଫୁଟବଲ କ୍ଲବ ବିଜୟୀ ହୋଇଛନ୍ତି। ଆଜିର ପ୍ରଥମ ମ୍ୟାଚ ଖରମୁଣ୍ଡା ଆଥଲେଟିକ ଆସୋସିଏସନ୍ ଓ ବକ୍ସି ଜଗବନ୍ଧୁ ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଖାରମୁଣ୍ଡା ଦଳ ୧୦-୦ ଗୋଲରେ ବିଜୟୀ ହୋଇଥିଲା। ଖରମୁଣ୍ଡା ଦଳର ତୁଫାନ ମୁଣ୍ଡା ୫ଟି ଗୋଲ ଦେଇଥିଲେ। ଏହି ମ୍ୟାଚକୁ ଆଦିତ୍ୟ ନାୟକ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଉମାକାନ୍ତ ସାହୁ ଓ ଝସକେତନ ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ରାଜେନ୍ଦ୍ର ଭୁଏ। ଦ୍ୱିତୀୟ ମ୍ୟାଚ ଆମ୍ବେଦକର ଫୁଟବଲ କ୍ଲବ ଓ ଏସଏସ ୱାଏସ ଗୋବିନ୍ଦ ପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମ୍ବେଦକର କ୍ଲବ୍ ୪-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ନିରଞ୍ଜନ ମହାକୁର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ଅଜୟ ପ୍ରଧାନ ଓ ପିଙ୍କି ହଂସ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପଞ୍ଚାନନ ପାତ୍ର। ମ୍ୟାଚ୍ କମିସନର ଭାବେ ସୁରେଶ କୁମାର ଦାଶ ରହିଥିଲେ।

ଭୁକ୍ତା ଅଞ୍ଚଳରେ ଉତ୍କଟ ଜଳସଙ୍କଟ

# ଅର୍ଦ୍ଧନିର୍ମିତ ପାଣିଟାଙ୍କି; ଚିନ୍ତାରେ ଗ୍ରାମବାସୀ

ଅମ୍ବାଭୋନା, ୧୫।୪(ସମିସ)

ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଭୁକ୍ତା ଗ୍ରାମରେ ଜଳ ସଙ୍କଟ ଦେଖାଦେଇଛି। ନିର୍ମାଣାଧୀନ ବୃହତ୍ତ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଓଭରହେଡ଼ ପାଣିଟାଙ୍କି ଦୀର୍ଘଦିନ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଜଳ ସଙ୍କଟ ନେଇ ଚିନ୍ତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୂଚନା ଅନୁସାରେ, ଠିକାଦାର ଓ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ସହ ଅନିୟମିତତାର ଅଭିଯୋଗ ଯୋଗୁଁ ପ୍ରକଳ୍ପ କାମ ଦୀର୍ଘ ସମୟ ଧରି ଅଟକି ରହିଛି। ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ସମୟସୀମାରେ କାମ ସମ୍ପୂର୍ଣ୍ଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ ଠିକାଦାରଙ୍କ ଅନାଗ୍ରହ ଯୋଗୁଁ କାର୍ଯ୍ୟରେ ଅଗ୍ରଗତି ହେଉନାହିଁ। ଯାହାଫଳରେ ଭୁକ୍ତା ଗ୍ରାମ ସହ ଆଖପାଖର ଅଞ୍ଚଳବାସୀ ଗ୍ରୀଷ୍ମ ଋତୁରେ ଭୟାବହ ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ମଧ୍ୟରେ ଅନୁଚିତ ସମ୍ପର୍କ ଥିବା ଅଭିଯୋଗ ମଧ ଉଠିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀମାନେ ବାରମ୍ବାର ଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ ହୋଇନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏପରି ସ୍ଥିତିରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ ଭୁବନେଶ୍ୱରରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ନହେଲେ ସମ୍ପୃକ୍ତ ସଂସ୍ଥାକୁ କଳାତାଲିକା ଭୁକ୍ତ କରାଯିବ ବୋଲି ସଚେତନ କରିଥିଲେ ମଧ କାମରେ କୌଣସି ସୁଧାର ଦେଖାଯାଇନାହିଁ। ଗ୍ରୀଷ୍ମ ଆରମ୍ଭ ହେବା ସହିତ ଭୁକ୍ତାପ୍ରକାଶପୁର ଅଞ୍ଚଳରେ ପାଣିର ଅଭାବ ଗଭୀର ରୂପ ନେଉଥିବା ବେଳେ ପାଣିଟାଙ୍କି କାମ ଅଧୂରା ରହିଥିବାରୁ ଲୋକମାନଙ୍କ ମଧ୍ୟରେ ଉଦ୍‌ବେଗ ବଢ଼ି ଚାଲିଛି। ତୁରନ୍ତ ପଦକ୍ଷେପ ନେଇ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରି ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପାଣି ଟାଙ୍କି କାମ ଶୀଘ୍ର ଆରମ୍ଭ ନହେଲେ ପାଣି ସମସ୍ୟା ନେଇ ଏକ ବିରାଟ ଆନ୍ଦୋଳନ ର ଦାନା ବାନ୍ଧୁଛି। ଏନେଇ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ବରଗଡ଼ରେ ବଡ଼ ଧରଣର ଲାଇବ୍ରେରୀ ନିର୍ମାଣ ଦାବି

ବରଗଡ଼, ୧୫ ।୪(ସମିସ): ବରଗଡ଼ ସହର ଶିକ୍ଷାର ହବ ଭାବେ ପାଲଟୁ ଥିବା ବେଳେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକ ବଡ଼ ଧରଣର ଲାଇବ୍ରେରୀ ନିର୍ମାଣ କରାଯାଉ ବୋଲି ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି ଆଜାଦ ଜିଲ୍ଲା ପ୍ରଶାସନକୁ ଦାବି ଜଣାଇଛନ୍ତି । ବୁଧବାର ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ଧରଣର ଲାଇବ୍ରେରୀ ନିର୍ମାଣ ସହ ଇଣ୍ଟରନେଟ ବ୍ୟବସ୍ଥା, ସମସ୍ତ ବହି ଉପଲବ୍ଧ କରିବା ଓ ପାନୀୟ ଜଳ, ଶୀତତାପ ନିୟନ୍ତ୍ରିତ କକ୍ଷ ବ୍ୟବସ୍ଥା ପାଇଁ ଦାବି କରାଯାଇଛି । ଜିଲ୍ଲାରେ ଅନେକ ହେଣ୍ଡିକେପ ଛାତ୍ରଛାତ୍ରୀ ମଧ୍ୟ ରହିଥିବା ବେଳେ ତାଙ୍କ ସୁବିଧା ପାଇଁ ଗ୍ରାଉଣ୍ଡ ଫ୍ଲୋରରେ ଲାଇବ୍ରେରୀ ନିର୍ମାଣ ପାଇଁ ଦାବି କରାଯାଇଛି । ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଲାଇବ୍ରେରୀ ପୂର୍ବରୁ ରହିଥିବା ବେଳେ ଅନେକ ସମସ୍ୟା ରହିଥିବା ଅଭିଯୋଗ ହୋଇଛି । ବରଗଡ଼ ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିବା ସହ ଏହି ଦିଗରେ କାର୍ଯ୍ୟ କରାଯାଇ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଲାଇବ୍ରେରୀ ନିର୍ମାଣ ହେବ ବୋଲି ଛାତ୍ର କଂଗ୍ରେସର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।



## ତାମିଲନାଡୁରେ ଓଡ଼ିଆ ଝିଅ ବନ୍ଧକ ଘଟଣା

# ଉଦ୍ଧାର ପ୍ରକ୍ରିୟା ଆରମ୍ଭ

ବରଗଡ଼, ୧୫ ।୪(ସମିସ)

ସରକାରଙ୍କ ଦକ୍ଷତା ବିକାଶ ଓ ସୁନିଶ୍ଚିତ ନିଯୁକ୍ତି ଯୋଜନାରେ ବରଗଡ଼ ଜିଲ୍ଲା ସୋହେଲା ଅଞ୍ଚଳର ୮ ଝିଅ କଟକକୁ ଟେଲରିଂ ତାଲିମ ଯାଇ ତାମିଲନାଡୁରେ ଫସି ରହିବା ଘଟଣାକୁ କେନ୍ଦ୍ର କରି ସୋମବାର ଦିନ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ସୋହେଲା ଆଇସିଡିଏସ୍ ଅଫିସ ଓ ବିଡିଓ ଅଫିସ ଘେରିଥିଲେ ।ବରଗଡ଼ ଜିଲ୍ଲା ସୋହେଲା ବ୍ଲକ କନାପାଲି ଓ ବାରୁପାଲି ଗ୍ରାମର ଏହି ଝିଅମାନଙ୍କୁ ୪୫ ଦିନିଆ ତାଲିମ ପାଇଁ କଟକ ନିଆଯାଇଥିଲା, ପରେ ସେମାନଙ୍କୁ ବାଧ୍ୟତାମୂଳକ ଭାବେ କଟକରୁ ତାମିଲନାଡୁର ତିରୁପୁର ପଠାଇ ଦିଆଯାଇଛି । ଝିଅମାନଙ୍କ ଅନିଚ୍ଛା ସତ୍ତ୍ୱେ ତିରୁପୁର ପଠାଇବା ଏବଂ ସେଠାରୁ ଘରକୁ ଆସିବାକୁ ନଛାଡ଼ିବା ଭଳି ଏକ ସମ୍ବେଦନଶୀଳ ଘଟଣାରେ ପ୍ରଥମେ ସୋହେଲା ବ୍ଲକ ପ୍ରଶାସନର ଅସହଯୋଗ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏନେଇ ପ୍ରଥମେ 'ସକାଳ'ରେ ପ୍ରକାଶନ କରାଯାଇ ବ୍ଲକ ପ୍ରଶାସନ ଠାରୁ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା । ପରେ ବିଭିନ୍ନ ମିଡିଆରେ ଖବର ଭାଇରାଲ ହେବା ପରେ ଘଟଣାକୁ ନେଇ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା ।ଅଭିଭାବକମାନଙ୍କ ଅନୁରୋଧକ୍ରମେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ସଭାପତି ଗୋବିନ୍ଦ ବରିହା, ପରିକ୍ଷିତ ବରିହାଙ୍କ ସହିତ ସଂଘର ବହୁ କର୍ମକର୍ତ୍ତାମାନେ ଅଭିଭାବକଙ୍କୁ ନେଇ ସୋହେଲାସ୍ଥିତ ଆଇସିଡିଏସ୍ ଓ ବିଡିଓ ଅଫିସକୁ ଘେରି ଝିଅମାନଙ୍କ ଉଦ୍ଧାର ଲାଗି ଆଲୋଚନା କରିଥିଲେ । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ବିଡିଓ କରିସ୍ମା ବେସ୍ରା ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରି ଫସି ରହିଥିବା ଝିଅମାନଙ୍କୁ ଉଦ୍ଧାର କରାଯିବା ପାଇଁ ଆଲୋଚନା କରି ଉଦ୍ଧାର କରିବା ପ୍ରକ୍ରିୟା ଆରମ୍ଭ କରାଯାଇଥିବାର ପ୍ରତିଶ୍ରୁତି ଦେଇଥିଲେ । ପରେ ଆଦିବାସୀ ମହାସଂଘ ଓ ଅଭିଭାବକମାନେ ବିଡିଓ ଅଫିସ ଛାଡ଼ିଥିଲେ । ସୋହେଲାର ବିଶିଷ୍ଟ ସାମାଜିକ କର୍ମୀ ଅନୀଲ ପ୍ରଧାନ, ସାମାଜିକ କର୍ମୀ ଯୋଗେଶ୍ୱର ମେହେର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସୋମବାର ବ୍ଲକରେ ଗ୍ରିଭେନ୍ସ ଡେ ଥିଲେ ବି ବିଡିଓ ଘଣ୍ଟାଘଣ୍ଟା ଧରି ଅନ୍ୟ କାର୍ଯ୍ୟରେ ବାହାରକୁ ଚାଲିଯିବା ଓ ଏଥିପାଇଁ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀ ତଥା ଆଦିବାସୀ ମହାସଂଘ ଘଣ୍ଟାଘଣ୍ଟା ଧରି ଅପେକ୍ଷାରେ ରହିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା ।



### ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନର ତତ୍ପରତା

## ଏଚ୍‌ଆଇଭି ଏଡ୍‌ସ ସଚେତନତା

ଗାଇସିଲେଟ, ୧୫ ।୪(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ ପକ୍ଷରୁ ଏଚ୍‌ଆଇଭି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁକ୍ତ ଦୁଇ କାଉନସେଲର ତଥା ଇଂରାଜୀ ଅଧ୍ୟାପିକା ପ୍ରତୀକ୍ଷା ତନସନା, ଇତିହାସ ଅଧ୍ୟାପକ ଦଶରଥ ମେହେର, ଯୁକ୍ତ ତିନି କାଉନସେଲର ଅଧ୍ୟାପିକା ନମିତା ସାହୁ, ଅଧ୍ୟାପକ ଅରୁଣ କୁମାର ମୁନା, ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ସହିତ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ପଧାନ, ସଂସ୍କୃତ ବିଭାଗର ବରିଷ୍ଠ ଅଧ୍ୟାପକ ନାରାୟଣ ମିଶ୍ର, ହେମନ୍ତ କୁମାର ପଣ୍ଡା ଓ ମୁଖ୍ୟବକ୍ତା ଡ. ଅମିତ ଦାଶ ମଞ୍ଚାସୀନ ଥିଲେ । ଯୁକ୍ତ ଦୁଇ କାଉନସେଲର ପ୍ରତୀକ୍ଷା ତନସନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଡ.ଅମିତ ଦାଶ ଏଚ୍‌ଆଇଭି ଏଡ୍‌ସ ରୋଗର ଲକ୍ଷଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ । ଅଧ୍ୟକ୍ଷଙ୍କ ଅଭିଭାଷଣରେ ବେଳ ଥାଉ ଥାଉ ସାବଧାନ ରହିବା ପାଇଁ ଯୁଥ ରେଡକ୍ରସ ସ୍ୱେଚ୍ଛାସେବୀ ସେବିକାମାନଙ୍କୁ ସଚେତନ କରାଇଥିଲେ । ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅଧ୍ୟାପିକା ନମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ବିଜୁ ପଟ୍ଟନାୟକ ଟାଉନ୍ ହଲ୍‌ରେ ଭୀମ ଫୁଲେ ଉତ୍ସବ

ବରଗଡ଼, ୧୫ ।୪(ସମିସ): ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ବିଜୁ ପଟ୍ଟନାୟକ ଟାଉନ୍ ହଲ୍‌ରେ 'ଭୀମ ଫୁଲେ ୨୦୨୬'ପାଳିତ ହୋଇଯାଇଛି । ଡ. ଆମ୍ବେଦକର ଯୁବା ସଂଘ ବରଗଡ଼ ଜିଲ୍ଲା ଓ ମୁଳନିବାସୀ ବହୁଜନ ମିଳିତ ମହାସଂଘ ଓଡ଼ିଶାର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମ ବାବା ସାହେବ, ମହାତ୍ମା ଜ୍ୟୋତିବା ଫୁଲେ ଓ ତଥାଗତ ଗୌତମ ବୁଦ୍ଧଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଆରମ୍ଭ କରାଗଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧିମାନ ତରଣୀ ସୁନା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବଲାଙ୍ଗିର, ସମ୍ମାନିତ ଅତିଥି ଭାବେ ଧିମତି ଖୁଲଣା ମଲ୍ଲିକ ସହକାରୀ ପ୍ରଫେସର ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼, ବକ୍ତା ଭାବରେ ଧିମାନ୍ ସମୀର କୁମ୍ଭାର ଅଧ୍ୟାପକ ଲାରମ୍ଭା ମହାବିଦ୍ୟାଳୟ ଓ ଧିମତି ଜୟଶ୍ରୀ ସାହୁ ଅଧ୍ୟାପକ ସୋହେଲା ମହାବିଦ୍ୟାଳୟ ଯୋଗ ଦେଇଥିଲେ, ଧୀମାନ ଲିଂଗରାଜ ବିଶିଷ୍ଟ ଚାଷୀ ସଂଗଠକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆଡଭୋକେଟ୍ ଅବିନାଶ ବାଗ ପରିଚାଳନା କରିଥିବା ବେଳେ ଯୁବା ସଂଘର ସଭାପତି ଯୁଗନୁ ଜଗଦଲ୍ଲା ଧନ୍ୟବାଦ୍ ଅର୍ପଣ କରିଥିଲେ । ବିକ୍ରମ ଛତର, ଗୁରୁଚରଣ ହରିପାଲ, ଗଙ୍ଗାଧର ବିଭାର, ବାବୁଲୁ ବିଭାର, ଅଚ୍ୟୁତ ସର, ଯୁଧିଷ୍ଠିର ବିଭାର, ପୁରନ୍ଦର ଭୋଷାଗର, ଶିବ ସୁନା, ଦିଲ୍ଲୀପ ନାଗ, ଅଭୟ ସାମଲ, ସଞ୍ଜୟ କୁମ୍ଭାର, ପ୍ରମୋଦ ରଏ, ଆଶୁତୋଷ ଛତର ସହ ଯୁବା ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



## ସମତା ସୈନିକ ଦଳ ପକ୍ଷରୁ ତାଲିମ ଶିବିର

ବରଗଡ଼, ୧୫। ୪(ସମିସ): ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ସମତା ସୈନିକ ଦଳ, ଓଡ଼ିଶା ରାଜ୍ୟର ରାଜ୍ୟ ସଂଗଠକ ମାର୍ଶଲ ସଞ୍ଜୀବ କୁମାର ସୁନାଙ୍କ ତତ୍ତ୍ୱାବଧାନରେ ସାମରିକ ତାଲିମ ଶିବିର ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜନ ହୋଇଥିଲା । ସମତା ସୈନିକ ଦଳ ଚଳିତ ବର୍ଷ ତାର ୧୦୦ ବର୍ଷ ପୂରଣ କରୁଛି ଏବଂ ଗତ କିଛି ବର୍ଷ ଧରି ଓଡ଼ିଶାରେ ବିଭିନ୍ନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି । ଭୀମ ଜୟନ୍ତୀର ପବିତ୍ର ଅବସରରେ ସଂଘର୍ଷର ଏହି ପରମ୍ପରାକୁ ଆଗକୁ ବଢ଼ାଇ, ସମତା ସୈନିକ ଦଳ ତାଲିମ ଶିବିର ଆୟୋଜନ କରିଥିଲା ।ସମତା ସୈନିକ ଦଳର ସାଲ୍ୟୁଟେସନ୍ ମାର୍ଚ୍ଚ ପଶ୍ଚିମଓଡ଼ିଶାର ଡ. ବାବାସାହେବ ଆମ୍ବେଦକରଙ୍କ ପ୍ରଥମ ପ୍ରତିମୂର୍ତ୍ତି ଅମ୍ବାପାଲିଛକରୁ ବରଗଡ଼ ନିଶାମଣି ମଇଦାନ ପର୍ଯ୍ୟନ୍ତ ୫ କିଲୋମିଟର ସାଲ୍ୟୁଟେସନ୍ ମାର୍ଚ୍ଚ କରିଥିଲା । ଶିବିରରେ ବହୁ ସଂଖ୍ୟାରେ ମାର୍ଶଲମାନେ ଯୋଗ ଦେଇଥିଲେ । ବରଗଡ଼ ଜିଲ୍ଲା କୋର୍ଟ ପରିସରରେ ଅବସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସାଲ୍ୟୁଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲା ।




## ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ରକ୍ତଦାନ ଶିବିର

ପଦ୍ମପୁର, ୧୫ ।୪(ସମିସ): ପଦ୍ମପୁର ସର୍ଗିବାହାଲସ୍ଥିତ ବିଶିପାଲିଗ୍ରାମରେ ମଙ୍ଗଳବାର ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ବିଶିପାଲି ଗ୍ରାମବାସୀ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୟୋଜିତ ହୋଇଯାଇଛି । ଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଶିରୀଶ କୁମାର ବହିଦାର, ଗୋକୁଲା ନନ୍ଦ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ପଦମପୁର ରକ୍ତ ଭଣ୍ଡାର ପକ୍ଷରୁ ୩୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଶିବିର ପରିଚାଳନାରେ ମନ୍ଦିର ପ୍ରତିଷ୍ଠା କମିଟି ସଭାପତି କୁଳମଣୀ ସାହୁ, ଅଶୋକ ସାହୁ, ବେଣୁଧର ସାହୁ ଦୁର୍ଯ୍ୟୋଧନ ସାହୁ, ବିଶି ପାଲି ଗ୍ରାମବାସୀ, ମନ୍ଦିର ପ୍ରତିଷ୍ଠା କମିଟି ଓ ନିଷ୍ଠା ପରିବାରର ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ । ଶେଷରେ ରକ୍ତଦାନ ଶିବିର ଆୟୋଜନ ପାଇଁ ମନ୍ଦିର ପ୍ରତିଷ୍ଠା କମିଟିକୁ ରାବଣ ଦରବାରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ତରଫରୁ ମନ୍ଦିର ପ୍ରତିଷ୍ଠା କମିଟିକୁ ସ୍ମୃତି ଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।



## ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭେଡେନ, ୧୫ ।୪(ସମିସ): ଭେଡେନ ବ୍ଲକ ଅଏଲାପାଲି ପଞ୍ଚାୟତ ତେନ୍ତୁଳିଟିକିରା ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରେମରାଜ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବରେ ଏମ.ଭେଙ୍କେଟ.ରାଓ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ତଥା ହସ୍ୟକବି ମୁନିରାମ କୁମ୍ଭାର ଯୋଗଦାନ କରିଥିଲେ । ସମ୍ମାନିତ ଅତିଥିଭାବରେ ସମିତି ସଭ୍ୟ ତୋଷବନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନି ଗଡ଼ତିଆ, ଶିକ୍ଷକ ପରମାନନ୍ଦ କଲତା ପ୍ରମୁଖ ଯୋଗଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଜାନକୀ ଭୁଏ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ । ମୁଖ୍ୟଅତିଥି ଏମ. ଭେଙ୍କେଟ.ରାଓ ପଞ୍ଚ ଶାଖା ଶିକ୍ଷା ସେତୁରେ ଆଗରୁ ବିଦ୍ୟାଳୟକୁ୧.୬୬ହଜାର ପ୍ରଦାନ କରିଥିବା ବେଳେ ପୁଣି ୫୦ହଜାର ଟଙ୍କାର ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ ସତରୁପା ହୋତା ଧନ୍ୟବାଦ ଦେଇଥିଲେ ।

## ସିଏମ୍ ଟ୍ରଫି ଜୁନିୟର କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ







ବରଗଡ଼, ୧୫ ।୪(ସମିସ): ଓଡ଼ିଶା ସରକାର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଓଡ଼ିଶା କବାଡ଼ି ଆସୋସିଏସନ୍ ଆନୁକୂଲ୍ୟରେ ବୁଧବାର ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ମାଣ୍ଡୋସିଲ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ସିଏମ୍ ଟ୍ରଫି ଜୁନିୟର ବାଳକ ବାଳିକ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ଓ ବୈବସୂତ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପ୍ରାକ୍ତନ ବିଧାୟକ ତଥା ବିଧାନସଭା ମୁଖ୍ୟ ସଚେତକ ସତ୍ୟ ଭୂଷଣ ସାହୁ ମୁଖ୍ୟ ଅତିଥି, ଜିଲ୍ଲା କ୍ରୀଡା ସଂସଦ କୋଷାଧ୍ୟକ୍ଷ ଡ.ଶୁଭ୍ରାଂଶୁ ଶେଖର ମହାପାତ୍ର, ଇଣ୍ଡୋରଗେମ୍ ସମ୍ପାଦକ ତଥା ଫାଓ ଉପ ସଭାପତି ରବି ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ଶୁଭମ୍ କୁମାର ପତି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ସମାଜସେବୀ ମହେନ୍ଦ୍ର ଖୁଣ୍ଟିଆ, ମାଣ୍ଡୋସିଲ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ସାହୁ ପ୍ରମୁଖ ଅତିଥିଭାବରେ ଯୋଗ ଦେଇଥିଲେ । ଆସନ୍ତାକାଲି ପ୍ରତିଯୋଗିତା ଉଦ୍‌ଯାପନ ହେବ ।

ପ୍ରତିଯୋଗିତାରେ ବାଳକ ବିଭାଗରେ ୧୦ ଦଳ, ୬ ବାଳିକା ଦଳ ଭାଗ ନେଇଛନ୍ତି । ପ୍ରତିଯୋଗିତା ପରିଚାଳନାରେ ବୈବସୂତ ପ୍ରଧାନ, ସୁମନ୍ତ ସାହୁ, ସୁଦର୍ଶନ ମହାକୁର, ହେମସାଗର ସାହୁ, ଅଜିତ୍ ପ୍ରଧାନ, କ୍ଷୀରୋଦ୍ର ଦାଶ, ଉଦ୍ଧବ ତନସନା, ଉମାଶଙ୍କର ସାହୁ, ଗଣେଶ ଭୋଇ ଓ ଝରଣା ଦାଶ ପ୍ରମୁଖ ସହଯୋଗ କରିଥିଲେ ।

### ୧୦ ବାଳକ ଓ ୬ ବାଳିକା ଦଳ ସାମିଲ

## ନୃସିଂହନାଥ ବୈଶାଖ ମେଳା ପାଇଁ ପ୍ରସ୍ତୁତି

# ପ୍ରଶାସନିକ ଅଧିକାରୀଙ୍କ ସହ ସାଂସଦ ଓ ବିଧାୟିକା ସାମିଲ

ପାଇକମାଳ, ୧୫ ।୪(ସମିସ)



ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶ୍ରୀନୃସିଂହନାଥ ମନ୍ଦିରରେ ଆସନ୍ତା ବୈଶାଖ ମେଳାକୁ ସୁଚାରୁ ଭାବେ ପରିଚାଳନା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର ହୋଇଛି । ବୁଧବାର ମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ଗୁରୁତ୍ୱପୂର୍ଣ୍ଣ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୬ ତାରିଖରୁ ମଇ ୧ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଭବ୍ୟ ମେଳାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ହେବ ବୋଲି ଆଶା କରାଯାଉଛି । ବୈଠକ ପାଇକମାଳ ଏବିଡିଓ ତଥା ଅନ୍ତରୀଣ ଟ୍ରଷ୍ଟି ଦେବାଶିଷ ସିହ୍ନାଙ୍କ ସଭାପତିତ୍ୱରେ ଏବଂ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ସାଂସଦ ପ୍ରତିନିଧି ପ୍ରୀତମ ମେହେର ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ପାଇକମାଳ ତହସିଲଦାର ସିନ୍ଧୁସୁତା ପାତ୍ର, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କୁବେର ମହନ୍ତ ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ପୁଲିସ ଓ ପ୍ରଶାସନର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।ବୈଠକରେ ଗତ ବର୍ଷର ଅନୁଭବକୁ ଆଧାର କରି ଚଳିତ ବର୍ଷ ମେଳାକୁ ଅଧିକ ସୁସଂଗଠିତ ଓ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ନିଷ୍ପତ୍ତି ନିଆଯାଇଛି । ଭକ୍ତମାନଙ୍କ ଭିଡ଼କୁ ସମ୍ଭାଳିବା ପାଇଁ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥା କରାଯିବ । ଏହାସହ ନିରବଚ୍ଛିନ୍ନ ପାନୀୟ ଜଳ, ବିଦ୍ୟୁତ୍ ସେବା ଓ ପରିମଳ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।ସ୍ୱାସ୍ଥ୍ୟ ସୁବିଧା ପାଇଁ ଜରୁରୀକାଳୀନ ଚିକିତ୍ସା ଦଳ ନିଯୁକ୍ତ ହେବା ସହ ମେଳା ପରିସରରେ ପ୍ରାଥମିକ ଚିକିତ୍ସାକେନ୍ଦ୍ର ସ୍ଥାପନ କରାଯିବ । ଉପଜିଲ୍ଲାପାଳ ହେମସାଗର ଭୋଇ ସମସ୍ତ ବିଭାଗକୁ ନିଜ ଦାୟିତ୍ୱ ନିଷ୍ଠାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ବିଧାୟିକା ବର୍ଷା ସିଂ ବରିହା ଗତ ବର୍ଷ ସରକାର ପକ୍ଷରୁ ମେଳା ପାଇଁ ମଞ୍ଜୁର ହୋଇଥିବା ୧୦ ଲକ୍ଷ ଟଙ୍କା ଅନୁଦାନ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ । ଏହାର ଉତ୍ତରରେ ମନ୍ଦିର ଟ୍ରଷ୍ଟି ପକ୍ଷରୁ କୁହାଯାଇଥିଲା ଯେ, ଅନୁଦାନ ରାଶି ଆଜି ପର୍ଯ୍ୟନ୍ତ ପ୍ରାପ୍ତ ହୋଇନାହିଁ ଏବଂ ସମସ୍ତ ବିଲ୍ ଓ ଭାଉଚର ଜମା କରାଯାଇଛି ବୋଲି କହିଥିଲେ । ବୈଠକରେ ପ୍ରଶାସନିକ ସମନ୍ୱୟ ରଖି ସମସ୍ତଙ୍କ ସହଯୋଗରେ ମେଳାକୁ ସଫଳ କରିବା ପାଇଁ ଆହ୍ୱାନ ଜଣାଯାଇଥିଲା । ଶ୍ରଦ୍ଧାଳୁମାନଙ୍କୁ ମେଳା ସମୟରେ ଶୃଙ୍ଖଳା ବଜାୟ ରଖିବା ସହ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା । ଆସନ୍ତା ୧୭ ତାରିଖରେ ମେଳା କମିଟିର ସଦସ୍ୟମାନଙ୍କୁ ନେଇ ଆଉ ଏକ ବୈଠକ ଅନୁଷ୍ଠିତ ହେବା ସହ ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି । ଶେଷରେ ମନ୍ଦିର କାର୍ଯ୍ୟନିବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

### ଗତ ବର୍ଷ ସରକାର ଘୋଷଣା କରିଥିବା ୧୦ଲକ୍ଷ ଟଙ୍କା ମିଳିନି

● ଭେଡେନ୍ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ୍

## ପାୱାର ହିଟରର୍ସ ଫାଇନାଲକୁ ପ୍ରବେଶ

ଭେଡେନ, ୧୫ ।୪(ସମିସ): ଭେଡେନସ୍ଥିତ ରଣଜିତା ଖେଳପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପାୱାର ହିଟରର୍ସ ଭେଡେନ ଓ ମାନସ ଇଲେଭେନ ଭେଡେନ ମଧ୍ୟରେ ହୋଇଥିଲା । ପ୍ରଥମେ ପାୱାର ହିଟରର୍ସ ଭେଡେନ ଟସ ଜିତି ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ଓଭରେ ସମସ୍ତ ଉଇକେଟ ହରାଇ ୧୦୫ରନ ସଂଗ୍ରହ କରିଥିଲା ଜବାବରେ ମାନସ ଇଲେଭେନ ଭେଡେନ ନିର୍ଦ୍ଧାରିତ ୧୨ଓଭରରେ ସମସ୍ତ ଉଇକେଟ ହରାଇ ୮୧ ରନ ସଂଗ୍ରହ କରିଥିଲା ଫଳରେ ପାୱାର ହିଟରର୍ସ ଭେଡେନ ୨୪ ରନ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥଲା ।ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥି ଭାବରେ ପୂର୍ବତନ ଖେଳାଳି ମହେନ୍ଦ୍ର ସେଟ ଯୋଗଦାନ କରିଥିଲେ । ପାୱାର ହିଟର୍ସ ଭେଡେନର ତେଜରାଜ ରୋହିଦାଶ ୯ ରନ ଦେଇ ୩ ଉଇକେଟ ନେଇ ମେନ ଅଫ ଦ ମ୍ୟାଚ୍ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ ।ଖେଳକୁ ମହେନ୍ଦ୍ର କୁମାର ସେଟ ଓ କୁନା ସୁନା ପରିଚାଳନା କରିଥିବା ବେଳେ ମ୍ୟାଚ୍ ରେଫରି ଭାବରେ ଗୁଡ୍ଡୁ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ । ସ୍କୋର ଭାବରେ ସୂର୍ଯ୍ୟ କୁମାର ଦେହେରି ଓ ରାଜ ମେହେର ଦାୟିତ୍ୱ ନେଇଥିଲେ । ଖେଳର ଧାରାବିବରଣୀ ସୁନୀଲ କୁମାର ଅଦାବର ଓ ପ୍ରସନ୍ନ ଦାଶ ପ୍ରଦାନ କରିଥିଲେ । ଏମ୍ପି କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



